RNI No.ODIODI/2010/33031
୧୬ ବର୍ଷ Volume-16
ISSUE -269 ସଂଖ୍ୟା-୨୬୯
ଭୁବନେଶ୍ୱର, ଶୁକ୍ରବାର ୦୯ ଜାନୁଆରୀ ୨୦୨୬
Bhubaneswar, Friday 09 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# କୋର୍ଟ ଉଡାଇଦେବାକୁ ଧମକ

ସମ୍ବଲପୁର/କଟକ,୮।୧(ନି.ପ୍ର.): ଦୁଇ ଦିନ ତଳେ ଦେଶର ବିଭିନ୍ନ ସ୍ଥାନକୁ ଉଡାଇଦେବାକୁ ଇମେଲରେ ଧମକ ମିଳିଥିବା ବେଳେ ଆଜି ଓଡିଶାର ତିନି କୋର୍ଟକୁ ଆସିଛି ବୋମା ଧମକ। ବୋମାରେ ଉଡାଇଦେବାକୁ

## ପୁଲିସର ବ୍ୟାପକ ଯାଞ୍ଚ

## ୭ରୁ ଅଧିକ ସ୍ଥାନକୁ ବୋମାରେ ଉଡାଇ ଦେବାକୁ ମିଳିଥିଲା ଧମକ



ସମ୍ବଲପୁର, କଟକ ଓ ଦେବଗଡ ଜିଲ୍ଲା କୋର୍ଟକୁ ଧମକ ଆସିଛି ।ଅପରାହ୍ଣ ୨ଟା ୪୫ ମିନିଟ୍ ସୁଦ୍ଧା ଜାଗା ଖାଲି କରିବାକୁ ଏହି ଇମେଲରେ ଧମକ ଆସିଛି। ଏହି ଇମେଲ୍ ଆସିବା ପରେ ବୋମା ସ୍କ୍ୱାର୍ଡ ଓ ସନ୍ଧାନୀ କୁକୁର ସହ ପୁଲିସ ବ୍ୟାପକ ଯାଞ୍ଚ କରୁଛି। ଏହି ଘଟଣା ଏବେ ଚାଞ୍ଚଲ୍ୟ ଖେଳାଇଦେଇଛି।

ସମ୍ବଲପୁର ଜିଲ୍ଲା କୋର୍ଟ ପରିସରରେ ବୋମା ଥିବା ନେଇ କୋର୍ଟ ରେଜିଷ୍ଟ୍ରରକୁ ମେଲ ଆସିଥିବା ନେଇ ସୂଚନା ଦେଇଛନ୍ତି ସମ୍ବଲପୁର ଏସପି ମୁକେଶ ଭାମୁ. ମେଲଟି ଦିନ ୧୧ଟା ସମୟରେ ଆସିଥିବା ଜଣା ପଡିଛି। କୋର୍ଟ ପରିସରରୁ ସମସ୍ତ ଓକିଲ, ଅଧିକାରୀ, କର୍ମଚାରୀମାନଙ୍କୁ ବାହାର କରି ବମ୍ ସ୍କ୍ୱାଡ଼, ସନ୍ଧାନୀ କୁକୁର, ସାଇବର ଅଧିକାରୀ ରହି ତଦନ୍ତ କରୁଛନ୍ତି। ଏଣେଏହାପରେ ଓଡିଶା ଉଚ୍ଚ ନ୍ୟାୟାଳୟ ପରିସରକୁ ପୁଲିସ ଛାଉଣି କରାଯାଇଛି। ପରେ ହାଇକୋର୍ଟରେ ସ୍ୱାଭାବିକ ହୋଇଛି କାର୍ଯ୍ୟ। ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ଓ ପୁଲିସର ଯାଞ୍ଚ ପରେ କୋର୍ଟ କାର୍ଯ୍ୟ ଆରମ୍ଭ। ମୁଖ୍ୟ ବିଚାରପତି ଓ ଆଉ ୩ ବିଚାରପତି ଶୁଣାଣି ଆରମ୍ଭ କରିଥିଲେ। ଗୋଟେ କି ଦୁଇଟି ନୁହେଁ ୭ରୁ ଅଧିକ ସ୍ଥାନକୁ ବୋମାରେ ଉଡାଇ ଦେବାକୁ ମିଳିଥିଲା ଧମକ । ଯେଉଁଥିରେ ରହିଛି କୋର୍ଟ, ରେଳଷ୍ଟେସନ । ଏହି ସବୁ ଧମକ ମିଳିଛି ଉତ୍ତରପ୍ରଦେଶ ଓ କର୍ଣ୍ଣାଟର ବିଭିନ୍ନ କୋର୍ଟ ଓ ରେଳଷ୍ଟେସନକୁ । ଗୁଜୁରାଟ ହାଇକୋର୍ଟ ଏବଂ ପାଞ୍ଚଟି ସ୍ଥାନୀୟ କୋର୍ଟକୁ ଜଉଡ ବୋମା ବିସ୍ଫୋରଣର ଧମକ ମିଳିଥିଲା । ଆନନ୍ଦ, ରାଜକୋଟ, ଅହମଦାବାଦ ଏବଂ ଭରୁଚରେ ଥିବା ସେସନ୍ସ କୋର୍ଟଗୁଡ଼ିକୁ ସମାନ ଇମେଲ୍ ମିଳିଥିଲା । ତଥାପି, ବମ୍ ସ୍କ୍ୱାଡ୍ କୋର୍ଟରେ ତଦନ୍ତ କରିବା ସମୟରେ କିଛି ସନ୍ଦେହଜନକ ମିଳିଲା ନାହିଁ । ପୋଲିସ ଅନୁଯାୟୀ ଲିବରେସନ୍ ଟାଇଗର୍ସ ଅଫ୍ ନାମରେ ଧମକ ମିଳିଛି । ମଙ୍ଗଳବାର ସକାଳେ ଉତ୍ତର ପ୍ରଦେଶର ମଉ ରେଳ ଜଙ୍କସନରେ କାଶୀ ଏକ୍ସପ୍ରେସକୁ ବୋମା ଧମକ ମିଳିଥିଲା । ଏହା ପରେ, ଟ୍ରେନକୁ ଷ୍ଟେସନରେ ଅଟକାଇ ଯାତ୍ରୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ଓହ୍ଲାଇ ଦିଆଯାଇଥିଲା। ଯେଉଁ ଯେଉଁ ସ୍ଥାନକୁ ଧମକ ମିଳିଛି ସେସବୁ ସ୍ଥାନକୁ ସମ୍ପୂର୍ଣ୍ଣ ଖାଲି କରାଯାଇଛି। ସେପଟେ ରେଳଷ୍ଟେସନରେ ସ୍ନିପର ଡଗ ସହ ଛାନଭିନ କରିଛି ପୁଲିସ । ବୋମା ନିଷ୍କ୍ରିୟ ଟିମ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ ବି କିଛି ମିଳିନାହିଁ। ତେବେ କେଉଁଠୁ ଆସିଥିଲା ଧମକ ପୂର୍ଣ୍ଣ କଲ ଏନେଇ ଛାନଭିନ ଚାଲିଛି ।ସେପଟେ କେରଳରେ ଏକ ସ୍କୁଲ ପାଖରୁ ୧୦ଟି ଜୀବନ୍ତ ବୋମା ଜବତ କରାଯାଇଛି ।

## ଶୀଘ୍ର ଅପରାଧୀଙ୍କୁ ଖୋଜି ବାହାର କର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୮।୦୧ : ସମ୍ବଲପୁର, କଟକ ଓ ଦେବଗଡରେ ବୋମା ଭୟ ପରେ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଅପରାଧୀଙ୍କୁ ଖୋଜି ବାହାର କରିବାକୁ ନିର୍ଦ୍ଦେଶ। ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପଠାଇ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। ସନ୍ଧ୍ୟାରେ ଏ ସମ୍ପର୍କରେ ଆଉ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ସମୀକ୍ଷା କରିବେ।



ସୂଚନାନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ସମ୍ବଲପୁର, କଟକ ଓ ଦେବଗଡ ଆଦି ବିଭିନ୍ନ ସ୍ଥାନର ଜିଲ୍ଲାସ୍ତରୀୟ କୋର୍ଟକୁ ବୋମା ଧମକ ଆସିଛି। ଏହି ଖବର ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ ଘଟଣାର ତଦନ୍ତ କରି ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ପରିସ୍ଥିତି ଉପରେ ନଜର ରଖିବାକୁ କହିଛନ୍ତି। ଏହା ସହିତ ଏଥିରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷା କ୍ଷେତ୍ରରେ କୌଣସି କୋହଳ ମନୋଭାବ ପୋଷଣ କରାଯାଇ ପାରିବ ନାହିଁ। ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ତଦନ୍ତ କରିବା ସହିତ ସମ୍ପୃକ୍ତ ସ୍ଥାନଗୁଡିକୁ ଅଧିକାରୀମାନଙ୍କୁ ପଠାଇବାକୁ କହିଛନ୍ତି। ଏସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରି ମୂଳ ଉଦ୍ଦେଶ୍ୟକୁ ଜାଣିବା ଅତ୍ୟନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏନେଇ ଏଜି ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ଭାବେ ଏକ ହୋକ୍ସ ମେଲ୍ ଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ଅବଗତ କରାଯାଇଛି, ସିଏମ୍ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ପରିସର ସମ୍ପୂର୍ଣ୍ଣ ସୁରକ୍ଷିତ। କେହି ଭୟଭୀତ ହୁଅନ୍ତୁ ନାହିଁ। ଡିଜିପି ମୁଖ୍ୟ ବିଚାରପତିଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ମେଲ୍ ତାମିଲନାଡୁରୁ ଜେନେରେଟ୍ ହୋଇଛି। ଏହାକୁ ନେଇ ବିଚଳିତ ହେବା ଦରକାର ନାହିଁ। ଏବେ କୋର୍ଟ କାର୍ଯ୍ୟ କରିବାରେ କୌଣସି ଅସୁବିଧା ନାହିଁ।

## ଖୁବଶୀଘ୍ର 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର,୮।୧(ନି.ପ୍ର.): 'ସୁଭଦ୍ରା' ହିତାଧିକାରୀଙ୍କ ପାଇଁ ଖୁସି ଖବର। ଚଳିତ ସପ୍ତାହରେ ମିଳିବ 'ସୁଭଦ୍ରା' ଟଙ୍କା। ଏ ନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଏହି ସପ୍ତାହରେ ସାରା ଓଡ଼ିଶାରେ ମୋଟ ୪,୫୭,୬୮୧ ଜଣ ମହିଳାଙ୍କୁ ଏହି ଯୋଜନାରେ ଆର୍ଥିକ ସହାୟତା ମିଳିବ। ଏଥିରେ ନୂତନ ହିତାଧିକାରୀ ଏବଂ ପୂର୍ବରୁ ବାଦ ଦିଆଯାଇଥିବା କିନ୍ତୁ ଯାଞ୍ଚ ପରେ ପୁନଃ ଅନ୍ତର୍ଭୁକ୍ତ ହୋଇଥିବା ମହିଳା ଉଭୟ ଅନ୍ତର୍ଭୁକ୍ତ। ତେବେ ଚଳିତ ଥର ୪ ଲକ୍ଷ ୫୭ ହଜାର ୬୮୧ ଜଣ ମହିଳା ସୁଭଦ୍ରା ଟଙ୍କା ପାଇବେ। ପୂର୍ବରୁ ବାଦ ପଡିଥିବା ୨ ଲକ୍ଷ ୫୫ ହଜାର ୨୬୫ଜଣଙ୍କୁ ପୁଣିଥରେ ସାମିଲ କରାଯାଇଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ଗତ ନଭେମ୍ବର ମାସରେ ଆରମ୍ଭ ହୋଇଥିଲା ଆବେଦନ ପ୍ରକ୍ରିୟା। ନୂଆ କରି ୧ ଲକ୍ଷ ୭୮ ହଜାର ୩୧୮ ନୂଆ ହିତାଧିକାରୀଙ୍କୁ ପ୍ରଥମ ଥର ମିଳିବ ସୁଭଦ୍ରା ଟଙ୍କା। ୫୦୦୦ ଟଙ୍କା ଲେଖାଏଁ ପାଇବେ। ତେବେ ପୂର୍ବରୁ ଯେଉଁମାନେ ବାଦ୍ ପଡିଥିଲେ ସେମାନେ ସମସ୍ତ ଏକାଥରେ କିସ୍ତି ପାଇବେ। ସେହିପରି ଅଭିଯୋଗ ଶୁଣାଣିରେ ୨୪ହଜାର ୧୮ଜଣ ହିତାଧିକାରୀଙ୍କୁ ସୁଭଦ୍ରାରେ ସାମିଲ କରାଯାଇଛି । ୨୫୦ କୋଟି ଟଙ୍କାର ସହାୟତା ରାଶି ଖାତାକୁ ଯିବ।

## ଭକ୍ତ ନିବାସରେ ରହିବା ହେବ ମହଙ୍ଗା, ବଢ଼ିଲା ପାର୍କିଂ ଫି

ପୁରୀ,୮।୧(ନି.ପ୍ର.): ଶ୍ରୀକ୍ଷେତ୍ର ପୁରୀକୁ ଜଗନ୍ନାଥ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏକ ବଡ ଖବର। ଏବେ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ଭକ୍ତ ନିବାସଗୁଡ଼ିକରେ ରହିବା ପୂର୍ବ ଅପେକ୍ଷା ମହଙ୍ଗା ହୋଇଛି। ପ୍ରଶାସନ ପକ୍ଷରୁ ଭକ୍ତ ନିବାସରେ ଗାଡ଼ି ପାର୍କିଂରେ ବଡ଼ ଧରଣର ବୃଦ୍ଧି କରାଯାଇଛି। ନୂତନ ନିୟମ ଅନୁଯାୟୀ, ଜାନୁଆରୀ ୭ ତାରିଖରୁ ପୁରୀର ସମସ୍ତ ଚାରୋଟି ଭକ୍ତ ନିବାସରେ ପ୍ରଥମ ଥର ପାଇଁ ଏହି ପାର୍କିଂ ଫି ଲାଗୁ ହୋଇଛି।



ଏଣିକି ୨୪ ଘଣ୍ଟା ପର୍ଯ୍ୟନ୍ତ ଚାରିଚକିଆ ଯାନ ପାର୍କିଂ ପାଇଁ ୫୦୦ ଟଙ୍କା ସହ ଅତିରିକ୍ତ ୧୮ ପ୍ରତିଶତ ଜିଏସଟି ଦେବାକୁ ପଡିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ ଗୋଟି ଭକ୍ତ ନିବାସ ଯଥା ନୀଳାଦ୍ରି ଭକ୍ତ ନିବାସ, ନୀଳାଚଳ ଭକ୍ତ ନିବାସ, ପୁରୁଷତମ ଭକ୍ତ ନିବାସ ଓ ଗୁଣ୍ଡିଚା ଭକ୍ତ ନିବାସକୁ ଆସୁଥିବା ଭକ୍ତମାନେ ଏବେ ସେମାନଙ୍କ କାର ପାର୍କିଂ ପାଇଁ ଅଧିକ ଟଙ୍କା ଦେବାକୁ ପଡ଼ିବ। ପ୍ରଶାସନ ପକ୍ଷରୁ ୫୦୦ ଟଙ୍କା ପାର୍କିଂ ଫି କରାଯାଇଛି।

ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି। ତେବେ ପରିଚାଳନା କମିଟି ବୈଠକରେ ପାର୍କିଂ ଫି ବୃଦ୍ଧି ନେଇ କୌଣସି ଆଲୋଚନା ହୋଇନାହିଁ। ୨୪ ଘଣ୍ଟାକୁ ୧୮ ପ୍ରତିଶତ ଜିଏସଟି ମିଶାଇ ୫୦୦ ଟଙ୍କା ପାର୍କିଂ ଫି ରଖାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଚାନକ ଏଭଳି ନିଷ୍ପତ୍ତିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏହି ନୂଆ ଶୁଳ୍କ ଲାଗୁ ହେବା ପରେ ଏସ୍‌ଜେଟିଏ ପ୍ରଥମ ଥର ପାଇଁ ଭକ୍ତ ନିବାସରେ ପାର୍କିଂ ପାଇଁ ଦେୟ ଆଦାୟ କରିଛି। ଏନେଇ ଭକ୍ତମାନଙ୍କ ମିଶ୍ରିତ ପ୍ରତିକ୍ରିୟା ମିଳିଛି, କେତେକ ଏହାକୁ ଶୃଙ୍ଖଳା ଦିଗରେ ଏକ ପଦକ୍ଷେପ ଭାବରେ ସ୍ୱାଗତ କରିଥିବା ବେଳେ କେତେକ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଭିନ୍ନ ମତ ସତ୍ତ୍ୱେ, ଶ୍ରୀମନ୍ଦିର ପ୍ରଶାସନ ତାର ନିଷ୍ପତ୍ତିରେ ଅଟଳ ରହିଛି।

## ଓମ୍‌ସାର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୮।୧(ନି.ପ୍ର.): ଓମସାର ଆନ୍ଦୋଳନ ସ୍ଥଗିତ । ଆନ୍ଦୋଳନରୁ ଓହରିଛି ଡାକ୍ତର ସଂଘ । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନେଇଛି ସଂଘ । ଦାବି ପୂରଣ ନେଇ ମନ୍ତ୍ରୀ ପ୍ରତିଶୃତି ଦେଇଥିବାବେଳେ ସକରାତ୍ମକ ଆଲୋଚନା ହୋଇଥିବା ଜଣା ପଡ଼ିଛି । କୁହାଯାଉଛି କି, ସଂଖ୍ୟା ସୁଦ୍ଧା ସେମାନଙ୍କ ଦାବି ପୂରଣ ହୋଇପାରେ । ଯେଉଁ କାରଣରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ।କହି ରଖୁଛୁ କି, ଡାକ୍ତରମାନେ ୧୮ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ । ସରକାର ସେମାନଙ୍କ ଦାବିକୁ ଶୀଘ୍ର ପୂରଣ କରନ୍ତୁ ବୋଲି ମଧ୍ୟ ଦାବି କରିଥିଲେ । ପ୍ରତିଦିନ ଡାକ୍ତରମାନେ ଓପିଡ଼ି ଛାଡ଼ି ୨ ଘଣ୍ଟା କାର୍ଯ୍ୟ ବନ୍ଦ ରଖୁଥିଲେ । ଡାକ୍ତରମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରଖିଥିଲେ । ମାତ୍ର ସ୍ୱାସ୍ଥ୍ୟସେବା ଉପରେ ଏହାର ପ୍ରଭାବ ପଡ଼ିଥିଲା । ଏବେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ସୂଚନା ଦେଇଛନ୍ତି ଓମସାର ସଭାପତି ଡାକ୍ତର କିଶୋର ମିଶ୍ର ।

## ଅନୁଗୋଳ-ତାଳଚେର ପ୍ରଦୂଷଣ ନେଇ ଚିନ୍ତାରେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୮।୧(ନି.ପ୍ର.): ଅନୁଗୋଳ-ତାଳଚେର ଶିଳ୍ପାଞ୍ଚଳରେ ବଢୁଥିବା ମାତ୍ରାଧିକ ବାୟୁ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି । ଏହି ପରିପ୍ରେକ୍ଷୀରେ ସେ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶାନ ରେଡ୍ଡୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପୃଥକ ପୃଥକ ପତ୍ର ଲେଖି ଜନସ୍ୱାସ୍ଥ୍ୟ ପ୍ରତି ସୃଷ୍ଟି ହୋଇଥିବା ବିପଦ ସମ୍ପର୍କରେ ଅବଗତ କରାଇଛନ୍ତି ।

ଅନୁଗୋଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) 'ଗମ୍ଭୀର' ସ୍ଥିତିରେ ରହିବା ନେଇ ଶ୍ରୀ ପ୍ରଧାନ ଚିନ୍ତା ପ୍ରକଟ କରିଛନ୍ତି । ବିଶେଷ କରି ତାଳଚେର ଦେଶର ସବୁଠାରୁ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇବା ଏକ ଉଦ୍ ?ବେଗଜନକ ବିଷୟ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହାଦ୍ୱାରା ଶିଶୁ, ବୟସ୍କ ଏବଂ ଶ୍ୱାସକ୍ରିୟା ଜନିତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିପନ୍ନ ହେଉଥିବା ସେ ପତ୍ରରେ ଉଲ୍ଲେଖ କରିଛନ୍ତି ।

ଏଥିପାଇଁ ଶ୍ରୀ ପ୍ରଧାନ ତିନୋଟି ପତ୍ର ମାଧ୍ୟମରେ ପୃଥକ ପୃଥକ ପ୍ରସ୍ତାବ ଦେଇଛନ୍ତି ।



**ସମାଧାନ ପାଇଁ କେନ୍ଦ୍ର ପରିବେଶ ମନ୍ତ୍ରୀ, କୋଇଲା ମନ୍ତ୍ରୀଙ୍କ ସହ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପୃଥକ ପତ୍ର ଲେଖି ହସ୍ତକ୍ଷେପ ଲୋଡିଲେ**

ଶିଳ୍ପାଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀକୁ କଡ଼ାକଡ଼ି ଭାବେ ଲାଗୁ କରିବା ସହ ରିଅଲ୍-ଟାଇମ୍ ମନିଟରିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା, କୋଇଲା ପରିବହନ କ୍ଷେତ୍ରରେ 'ମେକାନାଇଜଡ୍ କୋଲ୍ ଟ୍ରାନ୍ସପୋର୍ଟ ?ସନ୍ ସିଷ୍ଟମ' ଏବଂ ଉନ୍ନତ ଧୂଳି ଦମନ ପ୍ରକ୍ରିୟା ଆପଣାଇବାକୁ କୋଇଲା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା, ଶିଳ୍ପାଞ୍ଚଳ ଏବଂ ଖଣି କରିଡର ଚାରିପାଖରେ ବ୍ୟାପକ ବୃକ୍ଷରୋପଣ ମାଧ୍ୟମରେ 'ଗ୍ରୀନ୍ ବଫର୍' ସୃଷ୍ଟି କରିବା ସହ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) ଅନ୍ତର୍ଗତ ଲକ୍ଷ୍ୟ ଧାର୍ଯ୍ୟ ଯୋଜନାଗୁଡ଼ିକର ସମ୍ପ୍ରସାରଣ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି ।

ଶ୍ରୀ ପ୍ରଧାନ ଦର୍ଶାଇଛନ୍ତି ଯେ, ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) ଅନ୍ତର୍ଗତ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସାମୟିକ । ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସ୍ଥାୟୀ ସମାଧାନ ବାହାର କରିବା ଆବଶ୍ୟକ । ଅନୁଗୋଳ ଏବଂ ତାଳଚେର ଅଞ୍ଚଳବାସୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

## ଖସିଲା ସେୟାର ବଜାର

ନୂଆଦିଲ୍ଲୀ,୮।୧: ଘରୋଇ ଷ୍ଟକ୍ ବଜାରରେ ଆଜି ଏକ ବଡ଼ ହ୍ରାସ ଘଟିଥିବା ଦେଖିବାକୁ ମିଳିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଶୁଳ୍କ ବୃଦ୍ଧି ପାଇଁ ଏକ ବିଲ୍ ସମର୍ଥନ କରିଛନ୍ତି। ଏହା ଫଳରେ ବଜାରରେ ବ୍ୟାପକ ହ୍ରାସ ଘଟିଛି। ବିଏସ୍‌ଇ ସେନସେକ୍ସ ପ୍ରାୟ ୭୦୦ ପଏଣ୍ଟ ହ୍ରାସ ପାଇଛି, ଯେତେବେଳେ ନିଫ୍ଟି ପ୍ରାୟ ୨୦୦ ପଏଣ୍ଟ ହ୍ରାସ ପାଇଛି। ଅପରାହ୍ନ ୧୨:୩୮ ରେ, ସେନସେକ୍ସ ୮୪,୩୧୭.୩୬ ରେ କାରବାର କରୁଥିଲା, ଯାହା ୬୪୩.୭୮ ପଏଣ୍ଟ କିମ୍ବା ୦.୭୬% ହ୍ରାସ ପାଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୫୦ ସୂଚକାଙ୍କ ୨୧୯.୭୫ ପଏଣ୍ଟ କିମ୍ବା ୦.୮୪% ହ୍ରାସ ପାଇ ୨୫,୯୨୨ରେ ପହଞ୍ଚିଛି।

## କନ୍ୟା ବିବାହ ଯୋଜନାରେ ପ୍ରୋତ୍ସାହନ ଦେବେ ସରକାର

ଭୁବନେଶ୍ୱର,୮।୧(ନି.ପ୍ର.): ରାଜ୍ୟ ସରକାର ଗରିବ ଓ ଅସହାୟ ପରିବାରର ଝିଅମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ବିବାହ ସମୟରେ ଆବଶ୍ୟକୀୟ ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା ସହ ଉପହାର ଦିଆଯିବ। ସରକାର ମୋଟ ୫୧ ହଜାର ଟଙ୍କା ସହାୟତା ରାଶି ଦେବେ। ବାହାଘର ପଞ୍ଜିକରଣ ହେବାର ୭ ଦିନ ପରେ ହିତାଧିକାରୀଙ୍କ ଆକାଉଣ୍ଟକୁ ୩୫ ହଜାର ଟଙ୍କା ଯିବ। ସରକାର ଉପହାର ପାଇଁ ୧୦ ହଜାର ଓ ସାଜସଜା ପାଇଁ ୬ ହଜାର ଟଙ୍କା ଦେବେ ।ଉତ୍କଳିକାରୁ କିଣା ହେବ କନ୍ୟା ବିବାହ ଯୋଜନାର



ବିବାହ ସାମଗ୍ରୀ। ଉତ୍କଳିକା, ମହିଳା ଓ ଶିଶୁ ବିକାଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ ଏହି ଗଡଂଟ ସ୍ୱାକ୍ଷରିତ ହୋଇଛି । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଝିଅମାନଙ୍କୁ ଶାଢୀ, ଚୁଡ଼ି, ପାଉଁଜି, ବିନ୍ଦି ଭଳି ବ୍ୟବହାର ସାମଗ୍ରୀ ଦେବେ। ଏହି ସାମଗ୍ରୀ ଉତ୍କଳିକା ମାଧ୍ୟମରେ ହିତାଧିକାରୀଙ୍କୁ ସରକାର ଯୋଗାଇ ଦେବେ। ଏହାଦ୍ୱାରା ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତକଳା କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ। ଏଥିପାଇଁ ଝିଅର ବୟସ ସର୍ବନିମ୍ନ ୧୮ ବର୍ଷ ହୋଇଥିବା ଆବଶ୍ୟକ। ପ୍ରଥମ ଥର ବିବାହ କରୁଥିବା ଯୁବତୀଙ୍କୁ ଏହି ସୁବିଧା ମିଳିବ। ବର କନ୍ୟା ଉଭୟ ଓଡ଼ିଶାର ହେଇଥିବା ଦରକାର। ଯେଉଁମାନେ ଗରିବ ସେଇମାନେ ଏଥିରେ ଲାଭ ପାଇବେ। ବିଧବା ମଧ୍ୟ ଆଉ ଥରେ ବାହାହେଲେ ଏହାର ଲାଭ ପାଇପାରିବେ। ପୂର୍ବରୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ଗାଇଡଲାଇନ ଆସିଥିବା ବେଳେ ଆଜି ଉତ୍କଳିକା ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

## ଭାରତକୁ ଭିସା ଝଟକା

ଢାକା: ବାଂଲାଦେଶ ଖେଳାଳିଙ୍କୁ ଆଇପିଏଲରୁ ବାଦ ଦେବାକୁ ବିସିସିଆଇର ନିଷ୍ପତ୍ତି ପ୍ରତିବାଦରେ ବାଂଲାଦେଶ ଭାରତକୁ ଏକ ବଡ ଝଟକା ଦେଇଛି । ବାଂଲାଦେଶ ଭାରତୀୟଙ୍କ ପାଇଁ ସମସ୍ତ ଭିସା ସେବାକୁ ସ୍ଥଗିତ ରଖିଛି, କିନ୍ତୁ ଛାତ୍ର ଏବଂ ବ୍ୟବସାୟିକ ଭିସା ସେବା ଜାରି ରହିବ । ବାଂଲାଦେଶ ସରକାର ଦିଲ୍ଲୀ, ଅଗରତାଲା, ମୁମ୍ବଇ, ଗୌହାଟି ଏବଂ ଚେନ୍ନାଇରେ ଥିବା ଏହାର ଦୂତାବାସ ଏବଂ କନସୁଲେଟକୁ ସାଧାରଣ ଭିସା ସେବାକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁଇଟି କ୍ଷେତ୍ରରେ କେବଳ ଆଶ୍ୱସ୍ତି ମିଳିଛି । ଏହି ନିଷ୍ପତ୍ତିକୁ ଦୁଇ ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନାର ପ୍ରତିଫଳନ ବୋଲି କୁହାଯାଉଛି ।

## ଆଜି ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୮।୧(ନି.ପ୍ର.): ଆସନ୍ତାକାଲି ବସିବ ରାଜ୍ୟ କ୍ୟାବିନେଟ୍ ବୈଠକ। ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତାକାଲି ଅପରାହ୍ନ ସାଢେ ୫ଟାରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାବିନେଟ ବୈଠକରେ ୭ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିପାରେ ବୋଲି ଆଶା କରାଯାଉଛି।

ସୂଚନା ଅନୁଯାୟୀ, ରାଜସ୍ୱ ସେବାରେ ସଂସ୍କାର ଆଣିବାପାଇଁ କେତେକ ପ୍ରସ୍ତାବକୁ ଅନୁମୋଦନ ମିଳିବାକୁ ରହିଥିବାବେଳେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ବଡ଼ ନିଷ୍ପତ୍ତି ନିଆଯିବାକୁ ରହିଛି। ଏହାବାଦ୍ ସାଧାରଣ ପ୍ରଶାସନ, ଅର୍ଥ ଭଳି କେତେକ ବିଭାଗର ପ୍ରସ୍ତାବର ଆଲୋଚନା ହୋଇପାରେ। ସେହିପରି ଗଣଶିକ୍ଷା, ଏବଂ ସ୍ୱାସ୍ଥ୍ୟ ବିଭାଗର କିଛି ପ୍ରମୁଖ ପ୍ରସ୍ତାବଗୁଡ଼ିକରେ ମଧ୍ୟ ଅନୁମୋଦନ ମିଳିବାର ଆଶା କରାଯାଉଛି।

## ଶୀତରେ ଥରୁଛି ରାଜଧାନୀ

### ପାରଦ ୯ ଡିଗ୍ରୀ, ୧୯୫୨ ମସିହା ରେକର୍ଡ ଭାଙ୍ଗିଲା

ଭୁବନେଶ୍ୱର୮।୧(ଏଜେନ୍ସି): ଶୀତରେ ଥରୁଛି ରାଜଧାନୀ । ପାରଦ ୯ ଡିଗ୍ରୀ ୧୯୫୨ ମସିହାର ରେକର୍ଡ ଭାଙ୍ଗିଲା ଶୀତ । ରାଜଧାନୀ ଭୁବନେଶ୍ୱରରେ ରେକର୍ଡ କଲା ଶୀତ । ଭୁବନେଶ୍ୱରରେ ତାପମାତ୍ର ୯.୪ ରେକର୍ଡ କରାଯାଇଛି। ଏହାପୂର୍ବରୁ ୨୦୧୨ରେ ୯.୩ ଡିଗ୍ରୀ ଥିଲା। ୧୩ ବର୍ଷ ପରେ ପୁଣି ଥରେ ଖସିଛି ରାଜଧାନୀର ପାରଦ। ପୂର୍ବରୁ ୧୯୫୨ ମସିହାରେ ୯.୪ ଡିଗ୍ରୀ ତାପମାତ୍ର ରେକର୍ଡ ହୋଇଥିଲା ।

୧୯୯୨ରେ ୮.୬, ୨୦୦୩ରେ ୯ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେପଟେ ଝାରସୁଗୁଡା ୮.୮ ଡିଗ୍ରୀ, କେନ୍ଦୁଝର ୯.୮ ଡିଗ୍ରୀ, ବାଲେଶ୍ୱର ୧୨ ଡିଗ୍ରୀ, ପାରାଦୀପ ୧୩.୪ ଡିଗ୍ରୀ, ଚାନ୍ଦବାଲି ୧୩.୬ ଡିଗ୍ରୀ, ଗୋପାଳପୁର ୧୪.୬ ଡିଗ୍ରୀ, ପୁରୀ ୧୫.୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଗତକାଲି ଶିମିଳିପାଳରେ ଶୂନ ଡିଗ୍ରୀକୁ ଚାଲିଯାଇଥିଲା ପାରଦ। ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ରାଜ୍ୟକୁ ଶୁଷ୍କ ଥଣ୍ଡା ବାୟୁ ପ୍ରବେଶ କରୁଥିବାରୁ ଆହୁରି ବ?ିବ ଜାଡ। ରାଜ୍ୟରେ ଆହୁରି ୩ ଦିନ ଯାଏଁ ଲାଗି ରହିବ ଶୀତ ଲହରୀ।

## ଇଡି ରେଡ୍ ପରେ ବର୍ଷିଲେ ମମତା

କୋଲକାତା,୮।୧(ଏଜେନ୍ସି): ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା କୋଲକାତାରେ ହାଇଡ୍ରାମା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବନାମ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ନେଇ ଉଠୁଛି ପଡୁଛି କୋଲକାତା। ଜାଲିଆତି ଘଟଣାରେ ରୁଜ୍ଜୁ ମନି ଲଣ୍ଡରିଂ ମାମଲାରେ ଆଜି ଇଡି ପକ୍ଷରୁ ରାଜନୀତିକ ପରାମର୍ଶଦାତା ଫାର୍ମ ଆଇ-ପିଏସିର ବିଭିନ୍ନ ଠିକଣାରେ କରାଯାଇଛି ରେଡ। ତେବେ ଏହାକୁ ଜୋରଦାର ବିରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ ନିଜେ ଆଇ-ପିଏସିରେ ପହଞ୍ଚି ଇଡି ରେଡ ବିରୋଧରେ ସ୍ୱର ଉଠାଇଛନ୍ତି। ତାଙ୍କ ଦଳ ଟିଏମସିର ନିର୍ବାଚନ ରଣନୀତି ସହ ଜଡିତ ଦସ୍ତାବିଜଗୁଡ଼ିକୁ ଇଡି ରେଡ ଆଳରେ ଚୋରି କରି ନେଇଥିବା ମମତା କହିଛନ୍ତି।

ଇଡି ପକ୍ଷରୁ ଆଇପିଏସିର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରତୀକ ଜୈନଙ୍କ ବାସଭବନ ଓ ସଲ୍ଟଲେକରେ ଥିବା କମ୍ପାନୀର ଅଫିସରେ ରେଡ କରିଛି। ଜୈନ ହେଉଛନ୍ତି



ମମତା ବାନାର୍ଜୀଙ୍କ ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଥିବା ଟିମର ପ୍ରମୁଖ ସଦସ୍ୟ। ତାଙ୍କ କମ୍ପାନୀ ଓ ବାସଭବନରେ ଇଡିର ହଠାତ ନିର୍ବାଚନ ପୂର୍ବରୁ ରେଡକୁ ମମତା ବାନାର୍ଜୀ ସହଜରେ ଗ୍ରହଣ କରିପାରି ନାହାନ୍ତି।

ସକାଳୁ ରେଡ ଖବର ସାମ୍ନାକୁ ଆସିବା ପରେ ଟିଏମସିର ନେତା ଓ କର୍ମୀମେନେ ସଲ୍ଟଲେକ ଅଫିସ ନିକଟରେ ଏକାଠି ହେବା ଆରମ୍ଭ କରିଥିଲେ। ବିଧାନନଗର ପୁଲିସ କମିଶନର ମଧ୍ୟ ବିବାଦ ବୁଝିବାରୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଜେ ମମତା ବାନାର୍ଜୀ ମଧ୍ୟ ରେଡ ବିରୋଧରେ ସ୍ୱର ଉଠାଇବାକୁ ଅଫିସକୁ ଆସିଥିଲେ ।ସାମ୍ବାଦିକମାନଙ୍କୁ ମମତା ବାନାର୍ଜୀ କହିଛନ୍ତି ଯେ "ଟିଏମସିର ଆଭ୍ୟନ୍ତରୀଣ ରାଜନୀତିକ ଦସ୍ତାବିଜ ହାସଲ କରିବାକୁ ଇଡି ରେଡ କରିଛି। ପ୍ରାର୍ଥୀ ତାଲିକା, ଦଳର ରଣନୀତି, ଯୋଜନା ଓ ଗୁପ୍ତ ଦସ୍ତାବିଜ ହାସଲ କରିବାକୁ ଇଡି ଆମ ଅଫିସକୁ ଆସିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।" ସେ ରେଡ ପାଇଁ ସିଧାସଳଖ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ କରିଛନ୍ତି।

# ଆଞ୍ଚଳିକ ମନ୍ଥନ

ଶୁକ୍ରବାର, ୯ ,ଜାନୁଆରୀ, ୨୦୨୬ Friday,9 January 2026, Bhubaneswar





## ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ବାର୍ଷିକ ଅଧିବେଶନ

ବଲାଙ୍ଗିର,୮।୧:(ମନ୍ଥନ)ସ୍ଥାନୀୟ କଦଳିମୁଣ୍ଡା ନର୍ସରୀ ପରିସରରେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ବାର୍ଷିକ ଅଧିବେଶନ ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀଙ୍କ ନେତୃତ୍ୱରେ ତଥା ସଂଗଠନ ସଂପାଦକ ବିନୟ କୁମାର ମିଶ୍ରଙ୍କ ପ୍ରଚେଷ୍ଟାରେ ଓ ସଭାପତି ପ୍ରଭାକର ମିଶ୍ର ଙ୍କ ଦିଗଦର୍ଶନରେ ଉପସଭାପତି ଅଶୋକ ଋନ୍ଦ, ସାଧାରଣ ସଂପାଦକ କପିଳେଶ୍ୱର ଖମାରୀ, କୋଷାଧ୍ୟକ୍ଷ ଚୁଡେନ୍ଦ୍ର କୁମାର ବେହେରା, ସହ-ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ, ଉପଦେଷ୍ଟା ଅଶୋକ କୁମାର ମିଶ୍ର ଓ ଦୁର୍ଗା ପ୍ରସାଦ ହୋତା, କୃଷ୍ଣଚନ୍ଦ୍ର ନାଥ, ଚିତ୍ତ ରଂଜନ ପଟେଲ,



ପୂର୍ଣ୍ଣଚନ୍ଦ୍ର ମେହେର, ସୁରେନ୍ଦ୍ର ନେଗୀ, ନିମାଇଁ ଚରଣ ମେହେର, ବ୍ରଜ କିଶୋର ପଣ୍ଡା ଙ୍କ ସମେତ ସମସ୍ତ ସଦସ୍ୟଙ୍କ ସହଯୋଗରେ ନାଗରିକ ମଂଚର ଶତାଧିକ ସଦସ୍ୟ ଏବଂ ପ୍ରାୟ ୨୦ ଜଣ ମହିଳା ଯୋଗଦାନ କରିଥିଲେ । ଅଧିବେଶନ ଶେଷରେ ଉପସଭାପତି ହରେକୃଷ୍ଣ ମେହେର ଙ୍କ ଦ୍ୱାରା ପୁରୁଷମାନଙ୍କ ପାଇଁ ବେଲୁନ ଖେଳ ଓ ମହିଳାମାନଙ୍କ ପାଇଁ ବୋତଲ ଖେଳ ହୋଇଥିଲା ଓ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବ୍ୟକ୍ତି ବିଶେଷ ଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ଜାତୀୟ ସଡକ ସୁରକ୍ଷା ମାସ ପାଳନ ନିମନ୍ତେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ନବରଙ୍ଗପୁର,୮।୧:(ମନ୍ଥନ)ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର ଭୋଇ ସମସ୍ତଙ୍କୁ ସ୍ୱାଗତ କରି ଏଜେଣ୍ଡା ଅନୁଯାୟୀ ଚଳିତ ମାସ ରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଗୃହରେ କହିଥିଲେ । ବୈଠକ ରେ ସି ଡି ଏମ ଓ ,ଏସ ଇ ଆର୍ ଏଣ୍ଡ , ଡି ଏସ ପି,ଡି ଆଇ ପି ଆର୍ ଓ , ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଡେପୁଟୀ କଲେକ୍ଟର, ଏ ଇ ଇ,ଏନ୍ ଏଚ, ଇ ଇ,ଆର୍ ଡି, ସହକାରୀ ମ୍ୟାନେଜର, ଓ ଏସ ଆର ଟି ସି,ଡି ପି ଇ ଓ, ଡି ପି ଏମ,ଏନ୍ ଏଚ ଏମ, ଏ ଇ, ମ୍ୟୁନିସିପାଲଟି, ଘରୋଇ ବସ ମାଲିକ ସଂଘ ଓ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ,କମିଟି ସଭ୍ୟ ଓ ସାମ୍ବାଦିକ ବାଙ୍କ ବିହାରୀ ବିଷୋୟୀ , ସଭ୍ୟା ଓ ସାମ୍ବାଦିକ ପ୍ରଭାତୀ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇ ଏଲ ଇ ଡି ରେ ପ୍ରଦର୍ଶନ, ବ୍ୟାନର,ପୋଷ୍ଟର,ଲିଫ୍ଲେଟ ଦ୍ୱାରା ସଚେତନତା,ସ୍ୱତନ୍ତ୍ର ଏନ୍ଫୋର୍ସମେଣ୍ଟ ଡ୍ରାଇଭ୍,ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ବିଭିନ୍ନ ପ୍ରତିଯୋଗୀତା,ଗାଡ଼ି ଚାଳକଙ୍କ ଚକ୍ଷୁ ପରୀକ୍ଷା, ୱାକାଥନ,ରକ୍ଷକ ତାଲିମ ଶିବିର,ପୋଲିସ ଓ ପରିବହନ ବିଭାଗର ମିଳିତ ଚେକିଂ, ସତର୍କ ସୂଚନା ବୋର୍ଡ ଉପରେ ବିଶେଷ



ଆଲୋଚନା ହୋଇଥିଲା । ଦ୍ରୁତ ଗତି ,ହେଲମେଟ ଓ ସିଟ୍ ବେଲ୍ଟ ନ ପିନ୍ଧି,ମଦ୍ୟପାନ କରି, ଓଭରଲୋଡ ,ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ,ମୋବାଇଲ ବ୍ୟବହାର କରି,ଟ୍ରାଫିକ ନିୟମ ଉଲଘଂନ କରି ଗାଡ଼ି ଚାଳନା ରୋକିବାକୁ ବିଶେଷ ଚେକିଙ୍ଗ ପୂର୍ବକ ଫାଇନ୍,ଗାଡ଼ି ଜବତ, ଡି ଏଲ ବାତିଲ କରାଯିବ । ଅଜଣା ଯାନବାହନ ଦ୍ୱାରା ହିଟ୍ ଏବଂ ରନ୍ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା,ଗୁରୁତର ଆହତ ବ୍ୟକ୍ତିଙ୍କୁ ୫୦,୦୦୦ ଟଙ୍କା ର ସରକାରୀ ବ୍ୟବସ୍ଥା ରହିଛି ତା ଉପରେ ବିଶେଷ ପ୍ରଚାର ପ୍ରସାର ର ଆବଶ୍ୟକ ରହିଛି ବୋଲି ଗୃହରେ ମତ ପ୍ରକାଶ ପାଇଥିଲା । ପ୍ରଥମ ଘଣ୍ଟା ସର୍ଣ୍ଣମ୍ ସମୟରେ ସହାୟତା ଦେଇଥିବା ସହୃଦୟ ବ୍ୟକ୍ତି ( ଗୁଡ ସମାରିଟାନ୍) ଙ୍କୁ ପ୍ରୋତ୍ସାହନ ମୂଳକ ୨୦୦୦ ଟଙ୍କା ପୁରସ୍କୃତ କରାଯିବ । ଜିଲ୍ଲାରେ ୨୦୨୫ ମସିହାରେ ୮ ଟି ବ୍ଲାକ ସ୍ପଟ୍ ଚିହ୍ନଟ ହୋଇଛି । ଜିଲ୍ଲାରେ ୨୦୨୫ ମସିହାରେ ମୋଟ ରାସ୍ତା ଦୁର୍ଘଟଣା ୨୪୯ ରୁ ୧୯୦ ଜଣଙ୍କ ମୃତ୍ୟୁ,୪୧ ଜଣ ଅତି ଗୁରୁତର ଏବଂ ୧୭ ଜଣ ସାମାନ୍ୟ ଆହତ ହୋଇଛନ୍ତି ।ଜିଲ୍ଲାରେ ଦୁର୍ଘଟଣା ମୃତ୍ୟୁହାର କୁ କମାଇବା ଓ ସଡ଼କ ସୁରକ୍ଷା ଉପରେ ବିଶେଷ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## କ୍ଷେତ୍ର ପରିଭ୍ରମଣ ସହ ବଣଭୋଜିର ମଜା ଉଠାଇଲେ ଆରସିଡ଼ିସି ଅନୁଷ୍ଠାନ ପରିବାର

ନବରଙ୍ଗପୁର,୮।୧:(ମନ୍ଥନ) ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆରସିଡ଼ିସି ଓଡ଼ିଶାର ବିଭିନ୍ନ ଜିଲ୍ଲା ସହ ନବରଙ୍ଗପୁର ଜିଲ୍ଲାର ସମସ୍ତ ବ୍ଲକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ,ଜୀବନ ଜୀବିକା, ସାମାଜିକ ସଚେତନତା ସହ ଜଙ୍ଗଲ ଓ ପରିବେଶ ଉପରେ ବିଭିନ୍ନ ପ୍ରକଳ୍ପ ଦ୍ୱାରା କାର୍ଯ୍ୟ କରି ଆସୁଅଛି । ନୂଆ ବର୍ଷରେ ନୂଆ ମନ ଓ ଉତ୍ସାହ ନେଇ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ତଳମିତିଙ୍ଗ ଓ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୁଞ୍ଜିସିଲ ପର୍ଯ୍ୟଟନ କ୍ଷେତ୍ରକୁ ପରିଭ୍ରମଣରେ ଆସିଥିଲେ । ଏହି ଦୁଇ ପର୍ଯ୍ୟଟନ ସ୍ଥଳୀର ପାହାଡ ପର୍ବତ,ଝରଣା ଓ ଜନଜାତିଙ୍କ ଚାଲି ଚଳନି ସହ ପାରିପାର୍ଶିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ପଞ୍ଜିଶିଲ ଠାରେ ବଣ ଭୋଜିର ମଜା ଉଠାଇଥିଲେ । ଏହା ସହ ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ଅଞ୍ଚଳରୁ ଆସିଥିବା ପକୃତିପ୍ରେମି ପର୍ଯ୍ୟଟକମାନଙ୍କ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବିଷୟରେ ତଥ୍ୟର ଉପରେ



ଆଲୋଚନା କରିଥିଲେ । ଏହାର ପାରିପାର୍ଶିକ ଅଞ୍ଚଳକୁ ଦଳ ସହ ବୁଲି ଦେଖିଥିଲେ । ଏହି କାର୍ଯ୍ୟକ୍ରମକୁ ଆରସିଡ଼ିସି ଅନୁଷ୍ଠାନର ଆଞ୍ଚଳିକ ଅଧିକାରୀ ଶ୍ରୀ କେଶବ ଚନ୍ଦ୍ର ଦାଶ ଓ ପ୍ରକଳ୍ପ ପରିଚାଳକ ଶ୍ରୀ ଦୁଷ୍ମନ୍ତ କୁମାର ଓଝାଙ୍କ ନେତୃତ୍ୱରେ ଅନୁଷ୍ଠାନର ବିଶ୍ୱଜିତ ରାମ, ଶିବ ସେଠୀ ,ସୁନିଲ ବାରିକ, ଶିବ ଦୋରା,ନୀଳାମ୍ବର, ବସନ୍ତ ପରିଡ଼ା, କୈଳାସ ମହାପାତ୍ର, ସୁନିଲି ଚୌଧୁରୀ, ଝିଲୀ, ସରିତା, ଶୁଭଲକ୍ଷ୍ମି ,ସ୍ନେହା, କୃଷ୍ଣଚନ୍ଦ୍ର, ବୁଲୁ, ଅଭିଜିତ , ଦିବାନି , ଅଚ୍ୟୁତ, ବସନ୍ତ ସ୍ୱାଇଁ ଏବଂ ଆର ସି ଡ଼ି ସି ମୁଖ୍ୟ କାର୍ଯ୍ୟାଳୟରୁ ମୁଖ୍ୟ ପରିଚାଳକ ରଞ୍ଜନ ମହାନ୍ତି , ଆଇଟି ନିର୍ଦ୍ଦେଶକ ରାମଚନ୍ଦ୍ର ମହାରଣା ସହ ପବିତ୍ର ମିଶ୍ର, ବିଜନ ଦଳାଇ, ବଲାଙ୍ଗୀରରୁ ଯୋନରୁ ଶମ୍ଭୁ ସାହୁ, କୁଳମଣି ସାହୁ ସହ ଆରସିଡ଼ିସି ଅନୁଷ୍ଠାନରୁ ସମୁଦାୟ ୩୮ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ ।

## ତୃତୀୟ ଦିନରେ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବଲାଙ୍ଗିର,୮।୧:(ମନ୍ଥନ)ପିଆର ହାଇସ୍କୁଲ ଖେଳ ପଡିଆ ଠାରେ ବଲାଙ୍ଗିର ଫ୍ରେଣ୍ଡ୍ସକ୍ଲବ ପକ୍ଷରୁ ରାଜ୍ୟ ସ୍ତରୀୟ ଫୁଟବଲ ପ୍ରତିଯୋଗୀତା ଦତୃତୀୟ ଦିନରେ ପହଁଚିଛି । ଆଜିର ଏହି ପ୍ରତିଯୋଗିତାରେ କ୍ଲବ ର ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟ-ଅତିଥି ଭାବବରେ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ବରିଷ୍ଠ ଆଇନଜୀବୀ କୋଶଳବାଦୀ ନେତା ପ୍ରମୋଦ ମିଶ୍ର, ଡ୍ରଗ ଇନିସ୍ପେକଟର ଉମା ଶଙ୍କର ମେହେର, କୃଷକ ନେତା ଆକାଶ ମିଶ୍ର ,କ୍ଲବର ସଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର, ସଂଯୋଜକ ମନୋଜ ମିଶ୍ର ଏବଂ ମଧୁ ବନଛୋର ମଂଚସିନ ଥିଲେ । ଶ୍ୟାମସୁନ୍ଦର ସା, ସୁଶାନ୍ତ ନାଗ, ବୈକୁଣ୍ଠ ଜେନା, ଦେବାଶିଷ ବାଗ,ଜ୍ୟୋତିରଞ୍ଜନ ମହାନନ୍ଦ, ଖେଳ ପରିଚାଳନା କରିଥବା ବେଳେ ମ୍ୟାଚ କମିସନର ଭାବରେ ଶୁନିଲ ଚନ୍ଦ୍ର ବିଶ୍ୱାଲ ରହିଥିଲେ । ଆଜି ତୃତୀୟ ଦିନ ଖେଳରେ ବରଗଡ ୟୁନାଇଟେଡ୍ ଏବଂ ଭବାନୀପାଟଣା ଇଭିନିଙ୍ଗ କ୍ଲବ ମଧ୍ୟରେ ହୋଇଥିଲା, ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପର ଗୋଟେ ଲେଖାଏଁ ଗୋଲ କରିଥିଲେ ।ପରିଶେଷରେ ବରଗଡ଼ ଦଳ ପେନଲଟି ସୁଟ ଆଉଟ ଜରିଆରେ ୫-୩ ଗୋଲରେ ଭବାନୀପାଟଣା ଦଳ କୁ ପରାସ୍ତ କରି ଫାଇନାଲ କୁ ଉର୍ତ୍ତିନ ହୋଇଥିଲା । ବିଶିଷ୍ଟ କ୍ରିଡାବିତ ବିଭୁତି ଭୂଷଣ ପଣ୍ଡା ଏବଂ ନୟନ ନାଏକ ଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା । ପବିତ୍ର ଖୁଣ୍ଟିଆ, ମଧୁ ବନଛୋର, ଲକ୍ଷ୍ମୀ ସ୍ୱାଇଁ, କିଶୋର ଦଣ୍ଡସେନା, ସୋମନାଥ ମିଶ୍ର , ଗୋବିନ୍ଦ ଶତପଥୀ, ସଞ୍ଜୀବ ସାହୁ, ମନୋଜ କୁମାର ମିଶ୍ର,ଆକାଶ ମିଶ୍ର, ମନୋଜ ଦୀପ, ପୃଥୀରାଜ ବରାଡ, ରାମ ନାଏକ, ସୋନୁ ପଟ୍ଟନାୟକ, ପୂର୍ଣ୍ଣ ତ୍ରିପାଠୀ, ଦେବେନ ପାତ୍ର, ପ୍ରଦୀପ୍ତ ମିଶ୍ର, ଟିକି ମହାପାତ୍ର, ଟିକୁ ପରିଚ୍ଛା, ନିତ୍ୟା ପଧାନ, ସରୋଜ ସାହୁ ସନତ ତ୍ରିପାଠୀ, ପୃଥ୍ୱିରାଜ ବରାଡ଼,ବିକାଶ ସା, ଆରୋ ରଞ୍ଜନ ମହାପାତ୍ର, ବିଦ୍ୟା ସାହୁ, ପ୍ରଦୀପ ସାହୁ, ଅରୁଣ ପଧାନ, ଯତୀନ୍ଦ୍ର ମିଶ୍ର, ସୁଶାନ୍ତ ନେଗୀ ପ୍ରମୁଖ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା କାଲି ର ଖେଳ ବଲାଙ୍ଗୀର ଓ ଝାରସୁଗୁଡା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କମିଟୀ ପକ୍ଷରୁ ସୁଚନା ଦେଇଛନ୍ତି । ସଭାକୁ ଶରତ ନନ୍ଦ ପରିଚାଳନା କରିଥିବା ବେଳେ କ୍ଲବ୍‌ର ସଧାରଣସମ୍ପାଦକ ଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ବିରଞ୍ଚି ନାଶ୍ରୀରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ୬୩ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ

ବୁଗୁଡା, ୮।୧:(ମନ୍ଥନ)ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ୬୩ତମ ବାର୍ଷିକ କ୍ରୀଡା ଉତ୍ସବ ପିପୁଲ୍ଲ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତା ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର ,ମୁଖ୍ୟ ବକ୍ତା ଭାବେ ପିପୁଲ୍ଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା, ସମ୍ମାନିତ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ ଓ କୃଷ୍ଣଚନ୍ଦ୍ର ବେହେରା, ସିଆରସିସି କିରଣ ବାଳା ତ୍ରିପାଠୀ, ଅବସରପ୍ରାପ୍ତା କିରାଣୀ ସୁକାନ୍ତି ରାଜଗୁରୁ ଯୋଗ ଦେଇ ଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିବା ସହ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହିତ କରିଥିଲେ । ସ୍ଥାନୀୟ ବଳଦେବ ମନ୍ଦିରରୁ କ୍ରୀଡା ଜ୍ୟୋତି ଆସି ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ସହ ସାମୁହିକ ଶପଥ ପାଠ କରାଯାଇଥିଲା । ତତ୍ପରେ ଦୌଡ଼ , ଲଙ୍ଗଜମ୍ପ୍ , ସଟପୁଟ୍ ଥ୍ରୋ , ଡିସକସ୍ ଥ୍ରୋ, ସ୍ଲୋ ସାଇକିଲିଂ , ସ୍କିପିଙ୍ଗ୍ ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅମୀୟ ରଞ୍ଜନ ଭୂୟାଁ ଓ ପିପୁଲ୍ଲ ହାଇସ୍କୁଲର କ୍ରୀଡା ଶିକ୍ଷକ ବିଶ୍ୱେଶ୍ୱର ଗିରି ପ୍ରତିଯୋଗିତାଗୁଡିକୁ ପରିଚାଳନା କରିଥିଲା ବେଳେ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏଥିରେ ସହଯୋଗ କରିଥିଲେ ।

## ଶୁଭାରମ୍ଭ ହେଲା ଗୋଦାବରୀଶ ମିଶ୍ର ଆଦର୍ଶ ଯୋଜନା

ଛତ୍ରପୁର,୮।୧:(ମନ୍ଥନ) ଖୋର୍ଦ୍ଧା ଜିଲ୍ଲାର ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜନ୍ମମାଟି ବାଣପୁର ରୁ ସାରା ରାଜ୍ୟର ୩୦ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧୧୮ ଗୋଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ସେଥିମଧ୍ୟରୁ ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଅଗସ୍ତିନୂଆଗାଁ ଗ୍ରାମପଞ୍ଚାୟତର ନୋଳିଆନୂଆଗାଁ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଶିଳାନ୍ୟାସ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗ ଦେଇ ଶିଶୁମାନଙ୍କର ଉଜ୍ଜଳ ଭବିଷ୍ୟତ, ଉତ୍ତମ ଶିକ୍ଷା ଓ ସଶକ୍ତ ଓଡ଼ିଶା ଗଢ଼ିବା ନେଇ ମତପୋଷଣ କରିଥିଲେ । ଏଥିରେ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ବ୍ଲକ୍ ଶିକ୍ଷାଧିକାରୀ ସୁଜିତ କୁମାର ପାଢ଼ୀ , ବରିଷ୍ଠ ବୈଷୟିକ ପରାମର୍ଶଦାତା ମନୋଜ କୁମାର ବେହେରା, ବୈଷୟିକ ପରାମର୍ଶଦାତା ଦିପ୍ତିମୟୀ ନାୟକ , ସ୍କୁଲ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ , ଛାତ୍ରଛାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଗଞ୍ଜାମ ଜିଲାର ଅନ୍ୟ ବିଦ୍ୟାଳୟ ମଧ୍ୟରେ ବେଲଗୁଣ୍ଠା,



ବୁଗୁଡ଼ା, କବିସୂର୍ଯ୍ୟନଗର , ସାନଖେମୁଣ୍ଡି ଓ ସୋରଡ଼ା ବ୍ଲକ୍ ର ଗୋଟାଏ ଗୋଟାଏ ବିଦ୍ୟାଳୟକୁ ପ୍ରଥମ ପର୍ଯ୍ୟାୟରେ ହାତକୁ ନିଆଯାଇଛି । ଆଗାମୀ ୪ ବର୍ଷରେ ରାଜ୍ୟରେ ମୋଟ ୨୨ଶହ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବାକୁ ଥିବାବେଳେ ଏଥିପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

## ବିଶ୍ୱଶରୀ ସେବା ସଂଗଠନ ଆନୁ କୁଲ୍ୟରେ ସେବା ନିବୃତ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ଛାତ୍ରପୁର,୮।୧:(ମନ୍ଥନ) ନୂଆ ବର୍ଷ କୁ କିଏ କେକ କାଟି ପାଳନ କରୁଥିବା ବେଳେ କିଏ ଡିଜେ ବଜାଇ ନାଚି ଗାଇ ପାଳନ କରିଥାଏ କ୍ଷ ହେଲେ, ଗୁରୁଜନ ଏବଂ ଗରିବ ଲୋକଙ୍କୁ ମୁହଁ ଫୁଟାଇ ତାଙ୍କୁ ସମ୍ମାନ ଜଣାଇ ଏକ ନିଆରା ଢଙ୍ଗ ରେ ପାଳନ କରିଛି ବିଶ୍ୱେଶ୍ୱରୀ ସେବା ସଂଗଠନ । ଛତ୍ରପୁର ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ର ନଗର ଡିହ ଗ୍ରାମ ଛକରେ ଗ୍ରାମର ବିଶ୍ୱେଶ୍ୱରୀ ସେବା ସଂଗଠନ ଆନୁକୂଲ୍ୟରେ ଆବାହକ ତଥା ଯୁବ ସଂଗଠକ ଅବନୀ ଶତପଥି ଙ୍କ ନେତୃତ୍ୱ ରେ ଶ୍ରୀନୀଳକଣ୍ଠେଶ୍ୱର ସେବା ନିବୃତ୍ତ ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହିତ ଶତାଧିକ ଗରିବ ଲୋକଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି । ଆୟୋଜିତ ସମାବେଶ ରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିତା, ମାତା ତଥା ବରିଷ୍ଠ ମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇ ଋଣ ପରିଶୋଦ୍ଧ କଲେ ସମସ୍ତଙ୍କ ର ମଙ୍ଗଳ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି । ଏହା ସହ କଂଗ୍ରେସର ପୂର୍ବ ଇତିହାସ ସ୍ମରଣ କରି କଂଗ୍ରେସ ହିଁ ଦେଶ ଓ ରାଜ୍ୟକୁ ସୁଶାନ ଦେଇ ପାରିବ ବୋଲି କହିଥିଲେ । ସମାବେଶରେ ଅବସର ପ୍ରାପ୍ତ ସର୍ବ ବରିଷ୍ଠ ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀଙ୍କ ଉପସ୍ଥିତିରେ ଶିକ୍ଷକ ନେତା କାମରାଜୁ ମହାରଣା ସମାଜ ସେବାରେ ବିଧାୟକଙ୍କ କାର୍ଯ୍ୟ ର ପ୍ରଶଂସା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା ସମାଜରେ ବରିଷ୍ଠ ମାନଙ୍କ ଭୂମିକା, ସମାବେଶର ମୁଖ୍ୟ ଆୟୋଜକ ସମାଜ ସେବୀ ଅବନୀ କୁମାର ଶତପଥି ପିତା ମାତା ଭଗବାନ ସଦୃଶ ବୋଲି ମତ ବ୍ୟକ୍ତ କରିଥିଲେ । ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ବିଷୋୟୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳର ଦେଶ ପ୍ରୀତି ଉପରେ ପ୍ରଶଂସା କରିଥିଲେ ।ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅନ୍ତର୍ଯ୍ୟାମୀ ଶତପଥୀ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେ. ଟି. ଏନ. ପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ, ବାବୁ ଚରଣ ଶତପଥୀ, ସେବା ନିବୃତ୍ତ ସଂଘ ର ସଭାପତି ଶିଶିର କୁମାର ଶତପଥି, ସମ୍ପାଦକ ସୁରେନ୍ଦ୍ର ବେହେରା, ପତିତପାବନ ବିଷୋୟୀ ପ୍ରମୁଖ ମଂଚସୀନ ଥିଲେ କ୍ଷ ଏହି ଅବସରରେ ବହୁ ବରିଷ୍ଠ ବ୍ୟକ୍ତିଙ୍କୁ ମଧ୍ୟ ଉତ୍ତରୀୟ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଶତାଧିକ ଗରିବ ଲୋକଙ୍କୁ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଜେନା ଓ ଅବନୀ ଶତପଥି ଶୀତ ବସ୍ତ୍ର ବଣ୍ଟନ କରିଥିଲେ । ଏଭଳି କାର୍ଯ୍ୟକ୍ରମ କୁ ବିଭିନ୍ନ ମହଲ ରେ ପ୍ରଂଶସା କରାଯାଇଛି । ପ୍ରାରମ୍ଭ ରେ ସାନଖେମୁଣ୍ଡି ବିଧାୟକ ଶ୍ରୀ ଜେନା ଙ୍କୁ ବର୍ଣ୍ଣାଢ୍ୟ ଶୋଭାଯାତ୍ର ମାଧ୍ୟମରେ ମଞ୍ଚ ନିକଟ କୁ ପାଛୋଟି ଆଣିଥିଲେ । ପରେ ଯୁବ, ଛାତ୍ର, ବୃଦ୍ଧ, ବୃଦ୍ଧା ଓ ମହିଳା ମାନେ ଭବ୍ୟ ସମ୍ବର୍ଦ୍ଧନା ଜଣାଇବା ସହିତ ଆୟୋଜକ ପକ୍ଷରୁ ବିରାଟ ଫୁଲ ମାଳ ଦେଇ ସମ୍ମାନ ଜଣାଇଥିଲେ । ସେଠାରେ ଶ୍ରୀ ଜେନାଙ୍କ କ୍ରେଜ ଦେଖିବାକୁ ମିଳିଥିଲା । ତାଙ୍କ ପ୍ରଂଶସକ ଏବଂ ସମର୍ଥକ ମାନେ ସେଲଫି ଫୋଟ ଉଠାଇବା ସହ ହାତ ମିଶାଇ ଖୁସି ଜାହିର କରିଥିଲେ ।

## ଖୁରୁଣ୍ଟିଆ ଗ୍ରାମରେ ୫ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ

ମୋରଡା,୮।୧:(ମନ୍ଥନ) ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଅଞ୍ଚଳରେ ଜଣ୍ଡିସ ରୋଗକୁ ନେଇ ଲୋକଙ୍କ ମନ ଭିତରେ ଛନକା ପଶିଥିବା ବେଳେ ପଳାଶମୁଣ୍ଡୁଳି ପଞ୍ଚାୟତ ଅନ୍ତର୍ଗତ ଖୁରୁଣ୍ଟିଆ ଗ୍ରାମରେ ୫ଜଣ ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ସରକାରୀ ସ୍ତରରେ ରିପୋର୍ଟ ଆସିଥିବା କିଶାନତାଣ୍ଡି ଡାକ୍ତରଖାନା ଅଧିକାରୀ ଡ଼.ହାମ୍ବିରା ମୁର୍ମୁ କହିଛନ୍ତି । ସୂଚନାଯୋଗ୍ୟ ମାସେ ପୂର୍ବରୁ ଖୁରୁଣ୍ଟିଆ ଗ୍ରାମରେ ୧୦ରୁ ୧୫ଜଣ ଜଣ୍ଡିସ ରୋଗରେ ପୀଡିତ ଥିବା ବେଳେ ଏବେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ଗତ କିଛିଦିନ ତଳେ ଖୁରୁଣ୍ଟିଆ ନୋଡାଲ ସ୍କୁଲର ୫ଜଣ ପିଲା ଜଣ୍ଡିସ ରୋଗରେ ପୀଡିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ଜଣ ସୁସ୍ଥ ଥିବା ସୂଚନା ମିଳିଛି । ଦୁଇଜଣ ପିଲା ଘରେ ରହି ଡ଼ାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସିତ ହେଉଛନ୍ତି । ତେବେ ଏହି ଜଣ୍ଡିସ ରୋଗ ବ୍ୟାପିବାର ପ୍ରକୃତ କାରଣ ଏବେବି ସ୍ପଷ୍ଟ ଜଣାପଡି ନଥିବାବେଳେ ବସୁଧା ଯୋଜନାରେ ପାଇପ ପାଣି ବ୍ୟବହାର ଯୋଗୁଁ ଏହିରୋଗ ବ୍ୟାପିଥାଏ ପାରେ ବୋଲି ଲୋକେ ସନ୍ଦେହ କରୁଥିଲେ । ହେଲେ ପାଣି ପରୀକ୍ଷଣ ପରେ ଏଥିରେ କୌଣସି ତ୍ରୁଟି ନଥିବା ବିଭାଗୀୟ ଯନ୍ତ୍ରୀ ସସ୍ମିତା ପତି ସ୍ପଷ୍ଟୀକରଣ ଦେଇଛନ୍ତି । ସେହିପରି କିଶାନତାଣ୍ଡି ଡାକ୍ତରଖାନା ପକ୍ଷରୁ ଡାକ୍ତରୀଦଳ ଜଣ୍ଡିସ ରୋଗରେ ଆକ୍ରାନ୍ତ ଖୁରୁଣ୍ଟିଆ ଗ୍ରାମକୁ ଯାଇ ପୀଡିତ ପିଲାଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି । ତେଣୁ ଜଣ୍ଡିସ ରୋଗକୁ ନେଇ ଲୋକଙ୍କୁ ଆତଙ୍କିତ ନହେବାକୁ ମୋରଡା ବିଡ଼ିଓ ଅଣାକର ନାୟକ ଆଶ୍ୱାସନା ଦେଇଛନ୍ତି ।

## ଦଶ ଅବତାରରେ କିନ୍ନର ସଂଘ

ନବରଙ୍ଗପୁର,୮।୧:(ମନ୍ଥନ) ନବରଙ୍ଗପୁର ପୋଲିସ ପଡିଆରେ ପୁଷପୁନି ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ପର୍ବର ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକ ନିଆରା ଢଙ୍ଗରେ ଜିଲ୍ଲା କିନ୍ନର ସଂଘ ପକ୍ଷରୁ ମା ଦୁର୍ଗା ଙ୍କ ଦଶ ଅବତାରର ଏକ ନୃତ୍ୟ ପରିବେଷଣ କରାଯାଇଥିଲା ଉକ୍ତ ଦଶ ଅବତାର ରେ ମା ଭଣ୍ଡାର ଘରଣୀ ରୂପ ସମେତ ଦୁର୍ଗା ମା ଙ୍କ ଦଶ ଅବତାର ଧାରଣ କରି କିନ୍ନର ମାନେ ସମସ୍ତ ଦର୍ଶକଙ୍କୁ ଚକିତ କରିଦେଇଥିଲେ । ଏଇ ନିଆରା ଢଙ୍ଗର ନୃତ୍ୟକୁ , ମଣ୍ଡେଇ ନୃତ୍ୟ ଗ୍ରୁପ ର ମୁଖ୍ୟ ବାବୁ ପାତ୍ର ନିର୍ଦ୍ଦେଶନା ଦେଇଥିଲେ । ମଞ୍ଚରେ ନୃତ୍ୟ ପରିବେଷଣ ଆରମ୍ଭ କରିବା ସଙ୍ଗେ ସଙ୍ଗେ ଜୟ ମା ଭଣ୍ଡାରଘରଣୀଙ୍କ ଧ୍ୱନିରେ ଦର୍ଶକ ଗେଲେରୀ ରେ ପ୍ରକମ୍ପିତ ହୋଇ ଉଠିଥିଲା । ମାଙ୍କର ବିଭିନ୍ନ ରୂପରେ ଚୁମକି, କାଜଲ, ପ୍ରୀତି , ସୁତି ,ଅନିତା , ବର୍ଷା , ଶିବାନୀ , କବିତା , ଲକ୍ଷ୍ମୀ , ରାଧା ଏବଂ ସବନମ ପ୍ରମୁଖ କିନ୍ନର ମାନେ ବେଶ ଧାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ କିନ୍ନର ସଂଘର ସଦସ୍ୟ ମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ମଞ୍ଚରେ ଜିଲା କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟନାୟକ ସମେତ ପୁଷପୁନୀ କାର୍ଯ୍ୟକ୍ରମର ଆବାହକ ମନୋରଞ୍ଜନ ତ୍ରିପାଠୀ ,ମୁଖ୍ୟ ଉପଦେଷ୍ଟା ନରସିଂହ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ପୁଷପୁନୀ ମଞ୍ଚରେ , କିନ୍ନର ସଂଘର ସଦସ୍ୟ ମାନଙ୍କୁ ନୃତ୍ୟ ପରିବେଷଣ କରିବାକୁ ସୁଯୋଗ ପ୍ରଦାନ କରି ସମାଜ ରେ କିନ୍ନରଙ୍କ ପ୍ରତି କୌଣସି ଭେଦଭାବ ନାହିଁ ବୋଲି ପୁଷପୁନୀ କମିଟି ପକ୍ଷରୁ ଏକ ବାର୍ତ୍ତା ସମାଜକୁ



ପ୍ରଦାନ କରାଯାଇଛିୟ କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟନାୟକ ଅୟୋଜକ ମାନଙ୍କୁ ସାଧୁବାଦ ଜଣାଇଛନ୍ତି । ପୁଷପୁନୀ କମିଟି ର ଏହି ପଦକ୍ଷେପ କୁ ବୁଦ୍ଧିଜୀବୀ ମହଲରେ ଖୁବ ପ୍ରଶଂସା କରାଯାଇଛି । ଉକ୍ତ ଖବର ପ୍ରସାରିତ ହେବା ପରେ କଳାକାର ମହଲରୁ ଶୁଭେଚ୍ଛା ର ବାର୍ତ୍ତା ଛୁଟିଛି । ସୂଚନା ଯୋଗ୍ୟ ଯେ ଏଥି ପୂର୍ବରୁ ଜିଲ୍ଲା ଇତିହାସରେ ପ୍ରଥମ ଥର ପାଇଁ କିନ୍ନର ସଂଘ ର ସଦସ୍ୟ ମାନଙ୍କୁ ପ୍ରଶାସନ ପକ୍ଷରୁ ମଣ୍ଡେଇ ମଞ୍ଚ ପ୍ରଦାନ କରାଯାଇଥିଲା ଏବଂ ସେହିପରି କିନ୍ନର ସଂଘ ର ସଦସ୍ୟ ରାଧା ଧାକଡ ମଣ୍ଡେଇ ଲୋକ ଗୀତ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କରି ଇତିହାସ ସୃଷ୍ଟି କରି ସାରିଛନ୍ତି । କିନ୍ନର ମାନଙ୍କ ଲୁକ୍କାୟିତ ପ୍ରତିଭା କୁ ଲୋକ ଲୋଚନ ଆଣିବାରେ ଜିଲ୍ଲା କିନ୍ନର ସଂଘ ସଫଳ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ସୂଚନା ଯୋଗ୍ୟ ଯେ ପୂର୍ବରୁ ମଧ୍ୟ କିନ୍ନର ସଂଘର ସଦସ୍ୟ ମାନେ ଗରିବ ମାନଙ୍କୁ ବର୍ଷା ମାସରେ ଛତା, ଶୀତ ମାସରେ କମ୍ବଳ, ବିଭିନ୍ନ ସମୟରେ ରକ୍ତ ସଂଗୃହିତ ସଂସ୍ଥା ମାନଙ୍କରେ ରକ୍ତ ଦାନ, ବିଭିନ୍ନ ପୂଜା କମିଟି ଏବଂ କ୍ରୀଡା କମିଟି କୁ ଆର୍ଥିକ ସହାୟତା କରୁଛନ୍ତି । ଏଠି ସମେତ ପ୍ରଶାସନ ଦ୍ୱାରା ଆୟୋଜିତ ଜିଲା ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗଦାନ କରୁଛନ୍ତି । ବିଭିନ୍ନ କ୍ଷେତ୍ରରେ କିନ୍ନର ସଂଘର ସଦସ୍ୟ ମାନେ ସକ୍ରିୟ ଭୂମିକା ଗ୍ରହଣ କରି ଉଦାହରଣ ସୃଷ୍ଟି କରୁଛନ୍ତି । ସଂଘ ଗଠନ ହେବା ପରେ କିନ୍ନର ମାନଙ୍କ ଏପରିଉନ୍ନତି ଦେଖି ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ସମେତ ମୁଖ୍ୟ ପରାମର୍ଶଦାତା ବରିଷ୍ଠ ସମାଜସେବୀ ଜଗନ୍ନାଥ ମହାପାତ୍ର, ପ୍ରେଜେକ୍ଟ ଲିଡର ଏମ.ବାଲା କୃଷ୍ଣ ରାଓ, ସଂଘର ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର , ସଂଘର ମହିଳା ଉପଦେଷ୍ଟା ତଥା ସମାଜସେବୀ ଶର୍ମିଷ୍ଠା ଦେଓ, ଅଧିବକ୍ତା କିଶୋରୀ ପଟ୍ଟନାୟକ, ଅଧ୍ୟାପିକା ଡକ୍ଟର ସଂଯୁକ୍ତା ପଣ୍ଡା, ପ୍ରିନ୍ସିପାଲ ସ୍ୱର୍ଣ୍ଣଲତା ପଟ୍ଟନାୟକ , ଅନ୍ୟତମ ଉପଦେଷ୍ଟା ସମାଜସେବୀ ନୀନୀବାବୁ ତ୍ରିପାଠୀ, ଅଧ୍ୟାପକ ଅଖିଳ ଭଟ୍ଟ, ସମାଜସେବୀ ଦୁର୍ଗା ପାଢ଼ୀ, ଉମରକୋଟ ର ଉପଦେଷ୍ଟା ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ଇଞ୍ଜିନିୟର ଚନ୍ଦନା ମଲ୍ଲିକ ପ୍ରମୁଖ ଖୁସି ପ୍ରକଟ କରିଛନ୍ତି ଏବଂ ସମସ୍ତ କିନ୍ନର ସଦସ୍ୟ ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହରେ ମନ୍ତ୍ରୀ ଗୋକୁଳାନନ୍ଦଙ୍କ ଯୋଗଦାନ

ବୁଗୁଡ,୮।୧:(ମନ୍ଥନ)ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ପାଣି ପଞ୍ଚାୟତ ପକ୍ଷ-୨୦୨୬ ସାରା ରାଜ୍ୟରେ ପାଳନ ପ୍ରରିପ୍ରେକ୍ଷୀରେ ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ମଧ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମ ସ୍ଥାନୀୟ ଶାଙ୍କୁଲାଇ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି ଯ ଅଧିକ୍ଷଣ ଯନ୍ତ୍ରୀ ସୁପ୍ରଭା କହଁରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ



'ପାଞ୍ଚ-ଜ' ଯଥା ଜଳ, ଜମି, ଜଙ୍ଗଲ , ଜନ୍ତୁ(ବନ୍ୟ) ଓ ଜନଙ୍କ ସୁରକ୍ଷା ସକାଶେ ରାଜ୍ୟ ସରକାର ବଦ୍ଧପରିକର ବୋଲି ମତବ୍ୟକ୍ତ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ପ୍ରସାଦ ଏସଡିଓ ହିମାଂଶୁ ଭୂଷଣ ବିଶ୍ୱାଳ, ଭଞ୍ଜନଗର ଏସଡିଓ ସନ୍ତୋଷ କୁମାର ଆରୁଖ, ସୋରଡା ଜେଇ ଶୈଳେନ୍ଦ୍ର କର, ବୁଗୁଡା ଜେଇ ଗୟାଚାନ୍ଦ ନାୟକ, ଆସ୍କା ଜେଇ ନୃସିଂହ ସାମନ୍ତରା, ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ଅନ୍ତରପଡା ସରପଞ୍ଚ ବସନ୍ତ ଶତପଥୀ, ବୁଗୁଡ଼ା ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ପ୍ରଭାକର ପଣ୍ଡା ପ୍ରମୁଖ ଯୋଗ ଦେଇ ଜଳ ପରିଚାଳନରେ ଚାଷୀମାନଙ୍କୁ ସମାନତା ପ୍ରଦାନ କରିବା, ସେମାନଙ୍କର ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ସହିତ ଫସଲର ବିବିଧ କରଣ, ପ୍ରଯୁକ୍ତି ବିଦ୍ୟା ଗ୍ରହଣ, ବ୍ୟାପକତା ବୃଦ୍ଧି ସହିତ ଜଳ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଗରୁତ୍ୱପ୍ରଦାନ କରିଥିଲେ । ଏ ଅବସରରେ ପୂର୍ବରୁ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ ସହ ପୁରସ୍କୃତ କରାଯାଇଥିଲାୟ ଉକ୍ତ କାର୍ଯ୍ୟକ୍ରମରେ ଭଞ୍ଜନଗର, ଧରାକୋଟ, ଆସ୍କା, ସୋରଡା, ବେଲଗୁଣ୍ଠା, ଜଗନ୍ନାଥ ପ୍ରସାଦ, ବୁଗୁଡ଼ା ଆଦି ବ୍ଲକ ଅନ୍ତର୍ଗତ ଶତାଧିକ ପାଣି ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇ ସଙ୍କଳ୍ପ ପାଠ କରିଥିଲା ବେଳେ କାର୍ଯ୍ୟକ୍ରମର ସଂଯୋଜକ ତଥା ସୋରଡା ଏସଡିଓ ସୁଶାନ୍ତ କୁମାର ମହାପାତ୍ର ପ୍ରାରମ୍ଭରେ ଅତିଥିପରିଚୟ ପ୍ରଦାନ ଏବଂ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିକ୍ରମ କେଶରୀ ଆରୁଖ, ଉମା ଶଙ୍କର ସେଠୀ, ଅରବିନ୍ଦ ଦଳବେହେରା, ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ଓପେକେରା ସଂସ୍ଥାର ଅଧିକାରୀ ଏବଂ କର୍ମଚାରୀଗଣ ସକ୍ରିୟ ସହଯୋଗ କରିଥିଲେ ।

ଶୁକ୍ରବାର, ୦୯ ଜାନୁଆରୀ ,୨୦୨୬ ଭୁବନେଶ୍ୱର
FRIDAY, 09 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସଡ଼କ ଯାତ୍ରା ଓ ମାନସିକ ବିକୃତି

## ପ୍ରଫେସର ଡାକ୍ତର ସମ୍ରାଟ କର

ପ୍ରତିବର୍ଷ ଜାନୁଆରୀ ପ୍ରଥମ ସପ୍ତାହ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଭାବେ ପାଳିତ ହୋଇଥାଏ। ସଡ଼କ ଦୁର୍ଘଟଣା ଓ ସଡ଼କରେ ଯାତ୍ରା ନେଇ ଗାଡ଼ି ଚାଳକଙ୍କ ଠାରୁ ପଦଚାଳକଙ୍କ ପର୍ଯ୍ୟନ୍ତ ସଚେତନତାର ବାର୍ତ୍ତା ଦେବା ପାଇଁ ପ୍ରତିବର୍ଷ ଏହି ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ସଡ଼କ ସୁରକ୍ଷା ସପ୍ତାହର ବାର୍ତ୍ତା ରହିଛି 'ଶିକ୍ଷାରୁ ସୁରକ୍ଷା, ପ୍ରଯୁକ୍ତିର ପରିବର୍ତ୍ତନ'। ଓଡ଼ିଶା ସରକାର ଅକାଳରେ ସଡ଼କ ଦୁର୍ଘଟଣାରେ ଜୀବନ ନିର୍ବାପିତ ହୋଇଯାଉଥିବା ଆରୋହୀ ମାନଙ୍କ ପାଇଁ ଛଅଟି 'ଇ'କୁ ଗୁରୁତ୍ୱ ଦେଇଛନ୍ତି। ତାହାହେଲା ଇଜ୍ୟୁକେସନ, ଏନଫୋର୍ସମେଣ୍ଟ, ଇଞ୍ଜିନିୟରିଂ, ଏମରଜେନସି କେୟାର, ଏମ୍ପାଥି ଓ ଏନଭାରମେଣ୍ଟ। ସଡ଼କରେ ଯାତ୍ରା ପାଇଁ ସମସ୍ତଙ୍କୁ ଆନନ୍ଦ ଲାଗେ। ଆକାଶ ପଥରେ ବିମାନ ଯାତ୍ରା ହେଉ ବା ଜଳଯାତ୍ରା ଭାବରେ ଡଙ୍ଗା ବା ବୋଟ୍‌ରେ ନଦୀ ବା ସମୁଦ୍ର ଯାତ୍ରା ଏ ସବୁ ଠାରୁ ସଡ଼କରେ ଯାତ୍ରା କରିବାର ଅନୁଭୂତି ଏକ ସ୍ୱତନ୍ତ୍ର ଥାଏ। କିନ୍ତୁ ଏହି ସୁଖଦ ଅନୁଭୂତିର ଯାତ୍ରା ଯେପରି ମର୍ମାନ୍ତିକ, ଦୁଃଖଦ ଓ ଅଭାବନୀୟ ନ ହୁଏ ଏ ପ୍ରତି ଆମେ ସମସ୍ତେ ସଚେତନ ରହିବା ଅତ୍ୟନ୍ତ ଜରୁରୀ।

ସଡ଼କ ଯାତ୍ରା ପାଇଁ ପ୍ରଥମ ବାଧକ ସଂପ୍ରତି ପାଲଟିଛି ବେପରୁଆ ଗାଡ଼ି ଚାଳନା, ନିଶାଦ୍ରବ୍ୟ ସେବନ କରି ଗାଡ଼ି ଚଳାଇବା ଆଉ ମୋବାଇଲ ଫୋନରେ ସଙ୍ଗୀତ ହେଉ ବା କଥାବାର୍ତ୍ତା ଏଥିରେ ବ୍ୟସ୍ତ ରହିବା ଦ୍ୱାରା ଦୁର୍ଘଟଣା ଭୟାନକ ଭାବେ ଯେଉଁପରି ଭାବେ ବୃଦ୍ଧି ପାଉଛି ତାହା ଏକ ଅତ୍ୟନ୍ତ ଦୁଃଖଦ ପ୍ରସଙ୍ଗ। ସହରୀକରଣକୁ ସଂପ୍ରତି ଗୁରୁତ୍ୱ ଦିଆଯାଉଥିବାରୁ ତଥାକଥିତ ସ୍ମାର୍ଟ ସିଟି ହେଉ ବା ରାଜଧାନୀ ଏପରିକି ବ୍ୟସ୍ତବହୁଳ ସଡ଼କ ପଥ ସହ ଯୋଗାଯୋଗ ରଖିବା ପାଇଁ ସରକାରୀ ମହଲରେ ବ୍ୟାପକ ଭାବରେ ସଡ଼କର ଦ୍ରୁତ ବିକାଶ ପାଇଁ ଗୁରୁତ୍ୱ ଦିଆଯାଉଛି। ତେବେ ନିକଟରେ କାନାଡ଼ାର ବୈଜ୍ଞାନିକମାନଙ୍କ ଏକ ରିପୋର୍ଟ ଆମ ସମସ୍ତଙ୍କୁ ଆନ୍ଦୋଳିତ କରିଛି। ସହରୀକରଣ ବିଶ୍ୱବ୍ୟାପୀ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି ନିଶ୍ଚୟ ଜାତୀୟ ପ୍ରଗତି ଓ ଅଭିବୃଦ୍ଧିର ଏକ ମାନଙ୍କ ଭାବରେ ସଡ଼କ ବିକାଶକୁ ସର୍ବାଦ ଗୁରୁତ୍ୱ ଦିଆଯାଉଛି। ତେବେ କାନାଡ଼ା ବୈଜ୍ଞାନିକମାନଙ୍କ ରିପୋର୍ଟ ଯେତିକି ଉଦ୍‌ବେଗଜନକ ତତୋଧିକ ଦୁଃଖଦାୟକ। ତାଙ୍କ ରିପୋର୍ଟର ତଥ୍ୟ ଅନୁଯାୟୀ ବ୍ୟସ୍ତବହୁଳ ସଡ଼କ ବା ମାତ୍ରାଧିକ ଯାନବାହନ ଗତାଗତ କରୁଥିବା ଏହି ବ୍ୟସ୍ତବହୁଳ ସଡ଼କରେ ଏହାର ନିକଟରେ ରହୁଥିବା ଲୋକମାନଙ୍କର ଅଧିକ ଭାବରେ ମାନସିକ ବିକୃତି ଘଟିବା ସହ ସ୍ମୃତି ଭ୍ରଂସ ବା ମନେନରହିବା ଭଳି ଶାରୀରିକ ବିକାର ଦେଖାଦେଉଛି। କାନାଡ଼ାର ଓଣ୍ଟାରିଓ ସହରରେ ଦଶ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଅଧ୍ୟୟନରତ ଏକ ରିସର୍ଚ୍ଚ ଗ୍ରୁପ୍ ଅନ୍ୟୁନ କୋଡିଏ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନଶୈଳୀ ଉପରେ ଅନୁଧ୍ୟାନ କରି ଯେଉଁ ରିପୋର୍ଟ ପ୍ରକାଶିତ ହୋଇଛି ତାଙ୍କ ମତରେ ବର୍ଷ ବର୍ଷ ଧରି ସଡ଼କ ନିକଟରେ ବସବାସ କରୁଥିବା ବାସିନ୍ଦାମାନେ ଯେତିକି ପରିମାଣର ଶବ୍ଦ ପ୍ରଦୂଷଣର ଶିକାର ହୁଅନ୍ତି ଏହା ତାଙ୍କ ମାନସିକତାକୁ ଗଭୀର ଭାବେ ପ୍ରଭାବିତ କରିଥାଏ। ସେ ଜଣାଇଛନ୍ତି ଯେ ବସବାସ କରୁଥିବା ଲୋକଙ୍କ ଠାରେ ମାନସିକ ବିକୃତିର ମାତ୍ରା ୮%ରୁ ଉର୍ଦ୍ଧ୍ୱ। ଯଦିଓ ଶହେ ମିଟର ଦୂରତା ଭିତରେ ରହୁଥିବା ଏହି ଲୋକମାନଙ୍କର ମାତ୍ରା ୪%ରୁ କମ୍।

ସଡ଼କ ସନ୍ନିକଟରେ ବର୍ଷ ବର୍ଷ ଧରି ଜନ୍ମ ଭିଟାମାଟିରେ ରହୁଥିବା ଲୋକମାନେ ବେଳେବେଳେ ସରକାର ଅଧିଗ୍ରହଣ କରୁଥିବା ଜମି ପାଇଁ ନିଜ ଜମି ଛାଡ଼ିବାକୁ ବାଧ୍ୟ ହୋଇଥାନ୍ତି ଯାହାଦ୍ୱାରା ସେମାନେ କିଛି ଦୂରରେ ନିଜ ବସତି ସ୍ଥାପନ କରିଥାନ୍ତି। ତେବେ ଯେଉଁମାନେ ସଡ଼କ ନିକଟରେ ରହୁଥାନ୍ତି ସେମାନେ ମାତ୍ରାଧିକ ଚଳାଚଳ କରୁଥିବା ଯାନବାହାନର ଶବ୍ଦ ଓ ଉତ୍କଟ ଚିତ୍କାର ସୃଷ୍ଟି କରୁଥିବା ହର୍ଣ୍ଣ। ପେଟ୍ରୋଲ, ଡିଜେଲ ଓ ବିଭିନ୍ନ ଇନ୍ଧନ ପୋଡ଼ି ହୋଇ ଯେଉଁ ବିଷାକ୍ତ ଧୂଆଁ ଯଥା ନାଇଟ୍ରୋଜେନ ଅକ୍ସାଇଡ଼, ସୂକ୍ଷ୍ମ ବିପଜ୍ଜନକ ଓ କ୍ଷତିକାରକ ଆଖିକୁ ଦିଶୁନଥିବା କଣିକା ଗୁଡ଼ିକ ସେମାନଙ୍କ ଶ୍ୱାସପ୍ରଶ୍ୱାସକ୍ରିୟାକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ। ଏହା କେବଳ ଶ୍ୱାସପ୍ରଶ୍ୱାସ କ୍ରିୟା ନୁହେଁ ମସ୍ତିଷ୍କର ସ୍ୱଭାବିକ ପ୍ରକ୍ରିୟାକୁ କ୍ରମଶଃ ପ୍ରଭାବିତ କରି ଏକ ପ୍ରକାର ଶୀଥିଳ କରିବାକୁ ଲାଗିଥାନ୍ତି। ଯାହାଦ୍ୱାରା ସେମାନେ ବିଭିନ୍ନ ମାନସିକ ବିକୃତିର ଶିକାର ହୋଇଥାନ୍ତି। ମାନସିକ ଅବସାଦ, ବିକୃତି, ଡିମେନ୍‌ସିଆ ଏହାର କାରଣ ପାଲଟିଥାନ୍ତି। ଲୋକମାନେ ସଚେତନତାର ଅଭାବରୁ ଏ ଦିଗକୁ ପ୍ରଥମରୁ ଅଣଦେଖା କରିବା ଦ୍ୱାରା ପରବର୍ତ୍ତୀ ସମୟରେ ସେମାନେ ଉତ୍କଟ ମାନସିକ ରୋଗର ଶିକାର ହୋଇଥାନ୍ତି। ବର୍ଷ ବର୍ଷ ଧରି ବିପଜ୍ଜନକ ଧୂଆଁ ଓ ଉତ୍କଟ ଶବ୍ଦ ଦିନରାତି ଅହୋରାତ୍ର ସେମାନଙ୍କ ମାନସିକତାକୁ ବିଚଳିତ କରି ବିକୃତିର ଦିଗକୁ ନେଇଥାଏ। ଏପରି କିଛି ରୋଗୀଙ୍କୁ ଆମେ ନିତିଦିନ ସ୍ୱାସ୍ଥ୍ୟପରାମର୍ଶ କାର୍ଯ୍ୟକ୍ରମରେ ଭେଟିଥାଉ। ସେମାନଙ୍କୁ ଚିକିତ୍ସା କରୁ ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ସେମାନଙ୍କୁ ଯଥାର୍ଥ ସଚେତନ ମଧ୍ୟ କରାଯାଇଥାଏ। କେବଳ ସହର ବିକାଶ ନୁହେଁ ଏକ ରାଷ୍ଟ୍ରର ଅଭିବୃଦ୍ଧି ବିକାଶରେ ଉତ୍ତମ ଓ ପର୍ଯ୍ୟାପ୍ତ ସଡ଼କର ଆବଶ୍ୟକତା ରହିଛି। କିନ୍ତୁ ଏ ନିହାତି ଭିତରେ ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ କେହି ଅଣଦେଖା କରିବା ଅନୁଚିତ। ବର୍ଷ ବର୍ଷ ଧରି ଏହି ପ୍ରାଥମିକ ଅବସ୍ଥାର ବିକୃତି ପରେ ଯେଉଁ ମାନସିକ ରୋଗର ଭୟାନକ ରୂପ ଦେଖାଇଥାଏ ତାହା ଅତ୍ୟନ୍ତ ଦୁଃଖଦାୟକ। ଏ ନେଇ ସାଧାରଣରେ ସଚେତନତା ସୃଷ୍ଟି ହେବା ସହ ସରକାରୀ କ୍ଷେତ୍ରରେ ଏ ଦିଗକୁ ଅଣହେଳା କରିବା ଅନୁଚିତ ନଚେତ ଆଗାମୀ ଦିନରେ ଏ ସଂକ୍ରାନ୍ତୀୟ ମାନସିକ ରୋଗୀମାନଙ୍କ ସଂଖ୍ୟା ଯେଉଁପରି ଉଦ୍‌ବେଗଜନକ ଭାବେ ବଢ଼ିବ ତାହା ସ୍ୱାସ୍ଥ୍ୟଗତ ବ୍ୟବସ୍ଥାକୁ ନିଶ୍ଚିତ ଭାବରେ ପ୍ରଭାବିତ କରିବ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼,
କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଆମେରିକାର 'ଯୋରଜାର -ମୁଲୁକତାର'

ଇଂରାଜୀ ନୂତନ ବର୍ଷ ୨୦୨୬ ଆରମ୍ଭରେ ଆମେରିକା ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଭେନେଜୁଏଲା ଉପରେ ଅଚାନକ ଆକ୍ରମଣ କରି ଏହାକୁ ଦଖଲ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ଅପରହଣ କରି ବନ୍ଦୀ ଭାବେ ରଖିବା ସହ ଏହାର ଶାସନ ଡୋରିକୁ ହାତକୁ ନେଇ ଏହାର ତୈଳ ଭଣ୍ଡାରକୁ ବିପଣନ କରିବା ନିମନ୍ତେ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଘୋଷଣା କରିବା ସମଗ୍ର ବିଶ୍ୱ ପାଇଁ ଏକ ଭୟଙ୍କର ସନ୍ଦେଶ ପ୍ରଦାନ କରୁଛି ବୋଲି କୁହାଯାଇପାରିବ। କେବଳ ଏତିକି ନୁହେଁ, ଆମେରିକାର ବିନା ଅନୁମୋଦନରେ ପଡୋଶୀ ରାଷ୍ଟ୍ରମାନଙ୍କର ସାର୍ବଭୌମତ୍ୱର କୌଣସି ଅର୍ଥ ନାହିଁ ବୋଲି ଏହା ସଂକେତ ପ୍ରଦାନ କରେ। କହିବା ବାହୁଲ୍ୟ ଯେ, ପଡୋଶୀ ତଥା ଆମେରିକ ସହ ସୁସମ୍ପର୍କ ରଖିନଥିବା ରାଷ୍ଟ୍ରମାନଙ୍କୁ ନାଲି ଆଖି ଦେଖାଇ 'ଦୋରଜାର ମୂଳକ ତା'ର' ନୀତିକୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଭିମୁଖ୍ୟ ସ୍ୱଷ୍ଟ କରିଛି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଆମେରିକାର ଯୋରଜାର ମୂଲକତାର ନୀତି ନୂଆ ନୁହେଁ। ଅତୀତରେ ୨୦୦୩ ମସିହାରେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଜୁନିୟର ବୁଶ ଉପରେ ଆକ୍ରମଣ କରି ଏହାର ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ସର୍ବ ସମ୍ମୁଖରେ ଫାଶୀ ଝୁଲାଇଥିବାବେଳେ ରାଷ୍ଟ୍ରପତି ରେଗାନ ଲେବାନନରେ, ସିନିୟର ବୁଶ ପାନାମାରେ, କ୍ଲିଂଟନ ଯୁଗୋସ୍ଲୋଭିଆରେ, ଓବାମା ଲିବ୍ୟାରେ ଏବଂ ବାଇଡେନ ଯେମନେ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ପୃକ୍ତ ରାଷ୍ଟ୍ରଗୁଡିକୁ ନିୟନ୍ତ୍ରଣରେ ରଖିଛି। ବିଶ୍ୱର ବୃହତଶକ୍ତି ଭାବେ ପରିଚିତ ଏବଂ ସର୍ବବୃହତ ଗଣତାନ୍ତ୍ରୀକ ରାଷ୍ଟ୍ର ଭାବେ ପରିଚିତ ଆମେରିକାର ଆମେରିକା ବିଶ୍ୱର ବହୁ ରାଷ୍ଟ୍ରଙ୍କୁ ନିଜର ଗୋଡାଣିଆ ଭାବେ ରଖି ଏହାର ତୈଳ ସମ୍ପଦ ସହ ବିଭିନ୍ନ ପ୍ରାକୃତିକ ସମ୍ପଦକୁ କେବଳ ନିଜ ନିୟନ୍ତ୍ରଣରେ ରଖିନାହିଁ, ଲୁଟ କରିବାରେ ଲାଗିଛି। ଏକବିଂଶ ଶତାବ୍ଦୀରେ ଆମେରିକା 'ଯୋରଜାର ମୂଳକ ତା'ର' ମୂଳକ ତା'ର ନୀତିରେ ନିଜର ଉପନିବେଶବାଦ ନୀତିକୁ ଜାହିରି କରିଚାଲିଛି। ଯାହାକି ଆନ୍ତର୍ଜାତିକ ଆଇନର ସ୍ୱଷ୍ଟ ଉଲଂଘନ। ଅନ୍ୟ ରାଷ୍ଟ୍ରର ତୈଳ ଓ ପ୍ରାକୃତିକ ସମ୍ପଦ ଉପରେ ଜାତିସଂଘର ଧାରା ୨ରେ ନିଷେଧାଜ୍ଞ ଥିବା ସତ୍ତ୍ୱେ ଆମେରିକା ଏହାକୁ ହେୟ ଜ୍ଞାନ କରିଚାଲିଛି। ଜାତିସଂଘ ଏକ ପ୍ରକାର ଅସହାୟ ହୋଇପଡିଥିବା ମନେହୁଏ। କାରବିଆନ ସାଗରେ ନିଶାଦ୍ରବ୍ୟ ଚାଲାଣ ରୋକିବା ଆଳରେ ତେଲବାହୀ ଜାହିରିକୁ ନିୟନ୍ତ୍ରଣ କରିବା ଏବଂ ନିରୀହ ଲୋକଙ୍କୁ ହତ୍ୟା ବନ୍ଦ ଲାଗି ଜାତିସଂଘ ନିରାପତା ପରିଷଦର ପ୍ରସ୍ତାବକୁ ଆମେରିକା ଏଡାଇ ଦେଇ ନିଜେ ବିଚାରପତି ଓ ଦଣ୍ଡବିଧାନକାରୀର ଭୂମିକା ନିର୍ବାହ କରିଛି। କେବଳ ଏତିକି ନୁହେଁ, ଭେନେଜୁଏଲାର ରାଷ୍ଟ୍ରପତି ଦମ୍ପତିଙ୍କୁ ହାତକଡି ପକାଇ ଅଦାଲତରେ ହାଜର କରିଛି। ଭେନେଜୁଏଲା ପରେ ରାଷ୍ଟ୍ରପତିଙ୍କୁ ଗିରଫ ଏବଂ ଟ୍ରମ୍ପଙ୍କ ଘୋଷଣାକୁ ଚୀନ, ରୁଷ, ଇରାନ ସମେତ ବହୁ ରାଷ୍ଟ୍ର ତୀବ୍ର ନିନ୍ଦା କରିଥିବାବେଳେ ରାଷ୍ଟ୍ରପତି ଦମ୍ପତିଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ଦାବି କରିଛନ୍ତି। ଭାରତ ଏହି ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିବା ସହ ତୀକ୍ଷ୍ଣ ନଜର ରଖିଛି। ଅପରପକ୍ଷରେ ବ୍ରିଟେନ ଓ ଅନ୍ୟ ଆମେରୀକାପନ୍ଥୀ ରାଷ୍ଟ୍ରମାନେ ଏହି ପଦକ୍ଷେପକୁ ସମର୍ଥନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆମେରିକୀୟ କଂଗ୍ରେସର ବିନା ଅନୁମୋଦନରେ ଟ୍ରମ୍ପଙ୍କର ଏହି ପଦକ୍ଷେପକୁ ସେ ଦେଶର ସୁପ୍ରିମକୋର୍ଟ ଆଇନ ସମ୍ମତ ବୋଲି କହିବା ଆଉ ଏକ ପ୍ରହସନ ସଦୃଶ। ଭେନେଜୁଏଲା ପରେ ଟ୍ରମ୍ପ ଏବେ ଇରାନ, କ୍ୟୁବା, ଗ୍ରୀନଲାଣ୍ଡ ମେକ୍ସିକୋ ଏବଂ କଲମ୍ବିଆ ପରି ଦକ୍ଷିଣପନ୍ଥୀ ରାଷ୍ଟ୍ରଗୁଡିକ ଉପରେ ଆକ୍ରମଣ କରିବା ପାଇଁ ଧମକ ଦେଇଛନ୍ତି। ଆମେରିକରେ ପଡୋଶୀ କ୍ୟୁବାରେ କମ୍ୟୁନିଷ୍ଟ ସରକାର ଦଶନ୍ଧି ଦଶନ୍ଧି ଧରି ଗାଦିରେ ରହିଥିବା ବେଳେ ମାର୍କିନ ପ୍ରଶାସନ ତାକୁ ସହ୍ୟ କରିପାରୁନାହିଁ। ଭେନେଜୁଏଲାର ରାଷ୍ଟ୍ରପତି ମାଦୁରୋ ଦେଶରେ ଜଣେ ଲୋକପ୍ରିୟ ନେତା ନଥିବା ସତ୍ତ୍ୱେ କ୍ଷମତାରେ ରହିଥିବା ଜଣାଶୁଣା। ସେହିପରି ତାଙ୍କର ଚୀନ ସହ ନିବିଡତା ଟ୍ରମ୍ପ ପାଇଁ ଅସହ୍ୟ ଥିଲା। କେବଳ ଏ ନୁହେଁ, ବିଶ୍ୱର ୧୭ପ୍ରତିଶତ ତୈଳ ମହଜୁଦ ଥିବା ଭେନେଜୁଏଲାର ତୈଳ ଭଣ୍ଡାର ଆମରିକାର ବହୁଦିନରୁ ଲୋଲୁପ ଦୃଷ୍ଟିରେ ଥିଲା ଯାହାକି ଟ୍ରମ୍ପଙ୍କ ବିବୃତି ସ୍ୱଷ୍ଟ କରିଛି। ଭେନେଜୁଏଲାରେ ଗଣତାନ୍ତ୍ରୀକ ଶାସନ ପୁନଃ ପ୍ରତିଷ୍ଠା ପ୍ରତି ସେ ଆଗ୍ରହୀ ନୁହଁନ୍ତି। ୨୦୨୫ ଶାନ୍ତି ବିଜୟନୀ ତଥା ବିରୋଧି ଦଳ ନେତ୍ରୀ ମାରିଆ କୋରିନା ମାଚାଦୋଙ୍କୁ କ୍ଷମତାସୀନ କରାଇବା ସମ୍ଭାବନାକୁ ମଧ୍ୟ ଟ୍ରମ୍ପ ଏଡାଇ ଦେଇଛନ୍ତି । କେବଳ ତୈଳ ଭଣ୍ଡାର ନିୟନ୍ତ୍ରଣ ଓ ମଜୁରୋଙ୍କୁ ଦଣ୍ଡିତ କରି ଭେନେଜୁଏଲା ନିଜ ନିୟନ୍ତ୍ରଣରେ ରଖିବା ଟ୍ରମ୍ପଙ୍କ ଆଭିମୁଖ୍ୟଙ୍କୁ ସ୍ୱଷ୍ଟ କରିଛି। ଏହା ସତ୍ୟ ଯେ, ଆମେରିକାର ଯୋରଦାର ନୀତି ବିଶ୍ୱପାଇଁ ଶୁଭଙ୍କର ନୁହେଁ।। ଯଦି ବିଶ୍ୱ ସମୁଦାୟ ନୀରବ ରହେ, ତେବେ ଓ୍ୱାଂଶିଟନର ମଜି ସ୍ୱାଧୀନ ରାଷ୍ଟ୍ରଙ୍କ ସାର୍ବଭୌମତ୍ୱ ନିର୍ଭର କରେ ବୋଲି ବିଶ୍ୱ ସମୁଦାୟ ସମ୍ପତି ବୁଝିବାକୁ ହେବ।

# ଏକାତ୍ମା ସର୍ବଭୂତାନ୍ତରାତ୍ମା

## ଅନୀତା ପଟ୍ଟନାୟକ

୨୩ ନଭେମ୍ବର ୧୯୨୬ ମସିହାରେ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର ପୁଟ୍ଟପର୍ତ୍ତି ଗ୍ରାମରେ ନାମଗିରି ଆମ୍ମା (ଈଶ୍ୱରମ୍ମା) ଓ ପେଦା ଭେଙ୍କାମ୍ମାରାଜୁ ରତ୍ନାକରମଙ୍କ କୋଳମଣ୍ଡନ କରି ସତ୍ୟନାରାୟଣ ରାଜୁ ଜନ୍ମ ଗ୍ରହଣ କଣିଥିଲେ। ସେ ଥିଲେ ଚତୁର୍ଥ ସନ୍ତାନ। ତାଙ୍କ ବଡ଼ଭାଇଙ୍କ ନାମ ଥିଲା ରତ୍ନାକରମଶେଷମ୍ମା ରାଜୁ। ବଡ଼ ଭଉଣୀଙ୍କ ନାମ ଭେଙ୍କାମା ଓ ପାର୍ବଥାମ୍ମା ଏବଂ ସାନ ଭାଇଙ୍କ ନାମ ଥିଲା ଜାନକୀରାମୟା।

ଏହି ବର୍ଷ ଜାନୁଆରୀ ୧୮, ୧୯୨୬ ମସିହାରେ ସତ୍ୟସାଇ ସେବା ସଙ୍ଗଠନ ଓଡ଼ିଶାର ୫୦ ବର୍ଷ ପୂର୍ତ୍ତି ପାଳନ, ସତ୍ୟସାଇବାବାଙ୍କର ୧୦୦ ବର୍ଷ ପାଳନ ଓ ଦିବ୍ୟ ପାଦୁକା ଯାତ୍ରାର ଶେଷ ଦିନ ବାଲିଯାତ୍ରା ପଡ଼ିଆ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ନଭେମ୍ବର ୨୩, ୧୯୨୫ରେ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମଦିବସ ପାଳନ ଉପଲକ୍ଷେ ଭାରତର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଓଡ଼ିଶାର ରାଜ୍ୟପାଳ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ, ସଚିନ ତେନ୍ଦୁଲକର, ଐଶ୍ୱର୍ଯ୍ୟାରାୟ ପ୍ରଭୃତି ଅନେକ ହସ୍ତୀ ପୁଟ୍ଟପର୍ତ୍ତି ଯାଇ ସତ୍ୟସାଇବାବାଙ୍କ ସମାଧିରେ ନିଜର ଭକ୍ତିପୂତ ନୈବେଦ୍ୟ ଅର୍ପଣ କରିଥିଲେ। ୧୦୦ତମ ଜନ୍ମ ଦିବସ ଉପଲକ୍ଷେ କୋଟି କୋଟି ଜନତା (ଭକ୍ତ ମାନଙ୍କୁ) ପ୍ରସାଦ ବଣ୍ଟନ କରାଯାଉଥିଲା। ଏହି ଉତ୍ସବକୁ ଯିଏ ଉପଭୋଗ କରିଛି ସେ ଜାଣିଚି। ସମସ୍ତଙ୍କ ପାଟିରେ ଗୋଟିଏ କଥା ଥିଲା 'ଏହା ଏକ ଅପୂର୍ବ ସମାଗମ ଥିଲା।' ସେହିପରି ୧୮ ଜାନୁଆରୀ ୧୯୨୬ ମସିହାରେ ବାଲିଯାତ୍ରା ପଡ଼ିଆ ଠାରେ ଏକ ଅପୂର୍ବ ସମାଗମ ହେବାକୁ ଯାଉଛି। ଯେଉଁଠାରେ କି ଓଡ଼ିଶାର ପୁରପଲ୍ଲୀ ଠାରୁ ଆରମ୍ଭ କରି ପ୍ରତ୍ୟେକ ସହରର ଲୋକ ଆସି ରଥାରୁଢ଼ ସତ୍ୟସାଇଙ୍କର ଦିବ୍ୟପାଦୁକାକୁ ପ୍ରଣାମ ଜଣାଇବାର ସୁଯୋଗ ପାଇବେ। ସତ୍ୟନାରାୟଣ ରାଜୁ, ଯେ ପରବର୍ତ୍ତୀ ସମୟରେ ସତ୍ୟସାଇ ବାବା ଭାବେ ପରିଚିତ ହେଲେ! ସେ ନିଜର ପରିଚୟ ନିଜେ ଦେଇ କହିଥିଲେ – 'ନା ଅହମ ମନୁଷ୍ୟ ନ ଚ ଦେବ, ଯକ୍ଷ। ନା ବ୍ରହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର। ନା ବ୍ରହ୍ମଚାରୀ, ନା ଗୃହୀ, ନା ବନସ୍ଥ। ଅହଂ ସତ୍ୟବୋଧକ, ସତ୍ୟଂ ଶିବମ୍, ସୁନ୍ଦରମ୍।'

ତେଣୁ ସେ ସବୁ ଭିତରେ ପୁରି ରହିଥିବା ସତ୍ୟ। ସତ୍ୟର ସଂଜ୍ଞାକୁ ବୁଝାଇବାକୁ ଯାଇ ସେ କହିଛନ୍ତି, 'ଯାହା ପୂର୍ବରୁ ଥିଲା, ବର୍ତ୍ତମାନ ଅଛି ଓ ଭବିଷ୍ୟତରେ ରହିବ।' ତେଣୁ ତାଙ୍କ ଜନ୍ମ ଦିବସ ଓ ତିରୋଧାନର ପାଳନ ଏକ ପ୍ରତୀକ ମାତ୍ର। କାରଣ ସେ ଜନ୍ମ ହେବା ପୂର୍ବରୁ ଥିଲେ ବର୍ତ୍ତମାନ ଅଛନ୍ତି ଓ ଭବିଷ୍ୟତରେ ରହିବେ। ଭଗବାନ ଶ୍ରୀସତ୍ୟସାଇ ୨୦୧୦ ଏପ୍ରିଲ ୨୪ ତାରିଖ ଦିନ ଦେହତ୍ୟାଗ କରିଥିଲେ। ୧୯୪୪ ମସିହାରେ ଭକ୍ତମାନଙ୍କ ଦ୍ୱାରା ଏକ ମନ୍ଦିର ନିର୍ମାଣ କରାଯାଇଥିଲା ଯାହାକି ପୁରାତନ ମନ୍ଦିର ଭାବରେ ପରିଚିତ ଥିଲା। ୧୯୪୮ରେ ବର୍ତ୍ତମାନର ଆଶ୍ରମ ପ୍ରଶାନ୍ତିନିଳୟମ୍ ନିର୍ମାଣ ହୋଇଥିଲା। ୧୯୫୦ରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ସେ ଚିକିତ୍ସା କ୍ଷେତ୍ରରେ, ଶିକ୍ଷା କ୍ଷେତ୍ରରେ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଯଥା ହୃଦରୋଗୀ ମାନଙ୍କ ସେବା ନିମନ୍ତେ ପୁଟ୍ଟପର୍ତ୍ତି ଓ ବାଙ୍ଗାଲୋର ଠାରେ ସୁପର ସ୍ପେଶାଲିଟ ହସ୍ପିଟାଲ ସ୍ଥାପନ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ନିମନ୍ତେ ଅନେକ ସ୍କୁଲ କଲେଜ ବିଶ୍ୱବିଦ୍ୟାଳୟ ସ୍ଥାପନ, ରୟାଲ ସୀମାରେ ଜଳଯୋଗାଣ ପ୍ରକଳ୍ପ ଇତ୍ୟାଦି ଇତ୍ୟାଦି।

ଭଗବାନ ସତ୍ୟସାଇ ବାବାଙ୍କର କେତେକ କଥା ପ୍ରଣୀଧାନଯୋଗ୍ୟ। ସେ ତାଙ୍କର ଆଶ୍ରିତ ମାନଙ୍କୁ କହିଥିଲେ 'ଓ୍ୱ' ସେବାକୁ ବୁଝାଏ। 'ଇ' ଭକ୍ତିକୁ ବୁଝାଏ। 'ଓ' ଜ୍ଞାନର ପ୍ରତୀକ। ଏହି ତିନଟି ହେଉଛନ୍ତି ଆଧ୍ୟାତ୍ମିକ ଜ୍ଞାନର ପ୍ରତୀକ। ସେ କହିଥିଲେ, 'ଜୀବ ଅନେକ, ନିଃଶ୍ୱାସ ଏକ। ବଲବ ଅନେକ ବିଜୁଳି ଶକ୍ତି ଏକ। ଗହଣା ଅନେକ, ସୁନା ଏକ। ଦେଶ ଅନେକ କିନ୍ତୁ ପୃଥିବୀ ଏକ'। ତେଣୁ ସେ କହିଥିଲେ 'ସମସ୍ତଙ୍କୁ ଭଲ ପାଅ ଓ ସମସ୍ତଙ୍କ ସେବା କର'। ଏକାତ୍ମା ସର୍ବଭୂତାନ୍ତରାତ୍ମା। ସେ କହୁଥିଲେ 'ମୋର ଜୀବନ ହିଁ ମୋର ବାର୍ତ୍ତା। କିନ୍ତୁ ପରବର୍ତ୍ତୀ ସମୟରେ କହିଥିଲେ ତୁମର ଜୀବନ ମୋର ବାର୍ତ୍ତା।' ତେଣୁ ଚାଲନ୍ତୁ ୧୮ ଜାନୁଆରୀ ୧୯୨୬ ଦିନ ବାଲିଯାତ୍ରା ପଡ଼ିଆରେ ରାଜ୍ୟ ସମ୍ମିଳନୀରେ ଏକତ୍ରିତ ହୋଇ ଭଗବାନ ସତ୍ୟସାଇ ବାବାଙ୍କୁ ପ୍ରଣାମ କରି ଜଣାଇ ଦେବା ଆମର ନିଃଶ୍ୱାସ ପ୍ରଶ୍ୱାସ ଏକ। ଏହି ପୃଥିବୀରେ ଆମେ ସବୁ ଏକ। ସମସ୍ତ ଲୋକା ସୁଖୀନଃ ଭବନ୍ତୁ।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ଦୂରଭାଷ :
୯୬୯୨୯୮୦୦୨୬

# ଓ୍ୱିଣ୍ଟର ଭୋମିଟିଂ ଓ ନୋରା ଭାଇରସ୍

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ବର୍ତ୍ତମାନ ଚାରିଆଡ଼େ କୁହୁଡ଼ିର ଚାଦର। ଶୀତୁଆ ପରିବେଶରେ କୋହଲା ଥଣ୍ଡା ପବନ ଜନ ଜୀବନକୁ ଅସ୍ତବ୍ୟସ୍ତ କରିବା ସହ ଅନେକଙ୍କ ପାଇଁ ବିଭିନ୍ନ ଶାରୀରିକ ସମସ୍ୟା ସବୁ ସୃଷ୍ଟି କରୁଛି। ଏହିପରି ସମୟରେ ବିଶେଷକରି ଶୀତ ଦିନେ ପ୍ରାୟତଃ ଶରୀର ଉତ୍ତାପ ଖୋଜିଥାଏ ଏବଂ ଥଣ୍ଡା ହେବା ସ୍ୱାଭାବିକ। ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଶୀତୁଆ ପରିବେଶରେ ଝାଡ଼ାବାନ୍ତି ହେଲେ ଏହାକୁ ହାଲକା ଭାବେ ଗ୍ରହଣ କରନ୍ତୁ ନାହିଁ। ତେବେ ଏହାଠାରୁ ଆହୁରି ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶୀତ ଦିନରେ ଅସ୍ୱାଭାବିକ ଭାବେ ବାନ୍ତି ହେବା। ବାନ୍ତି ହେବା ଯେ ଏକ ବଡ଼ ରୋଗ ଆମେ କହୁନା କିନ୍ତୁ ଏହି ବାନ୍ତି ଓ୍ୱିଣ୍ଟର ଭୋମିଟିଂ ନୁହେଁ ତ?

ଓ୍ୱିଣ୍ଟର ଭୋମିଟିଂର ମୂଳ କାରଣ ହୋଇଥାଏ ନୋରୋ ଭାଇରସ। ନୋରୋ ଭାଇସରକୁ ଶୀତକାଳୀନ ବାନ୍ତି ଭୂତାଣୁ ମଧ୍ୟ କୁହାଯାଇଥାଏ। ଏହା ଏପରି ଏକ ଭୂତାଣୁ ଯାହା ଶରୀରରେ ପ୍ରବେଶ କଲା ପରେ ବାନ୍ତି ଓ ବାରମ୍ବାର ମଳତ୍ୟାଗ ହେବାଭଳି ସମସ୍ୟା ସୃଷ୍ଟି ହୋଇଥାଏ। ବିଶେଷକରି ଶିଶୁ ମାନଙ୍କୁ ଏହି ଭୂତାଣୁ ଅଧିକ ହାନି ପହଞ୍ଚାଇଥାଏ। ଜଳ ଓ ବାୟୁ ଦ୍ୱାରା ବ୍ୟାପିଥାଏ ଏହି ଭାଇରସ। ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଏହାକୁ ଝାଡ଼ା ଓ ବାନ୍ତିର ଅଧିକ ସଂକ୍ରାମକ ରୂପ ବୋଲି କୁହାଯାଏ। ଏକ ଆମେରିକୀୟ ସ୍ୱାସ୍ଥ୍ୟ ପତ୍ରିକାରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ ପ୍ରତ୍ୟେକ ବର୍ଷ ଆମେରିକାରେ ପ୍ରାୟ ୨୦ ନିୟୁତରୁ ଅଧିକ ଲୋକ ନୋରୋ ଭାଇସରରେ ଆକ୍ରାନ୍ତ ହୁଅନ୍ତି। ୨୦୨୨-୨୩ ବର୍ଷ ତୁଳନାରେ ୨୦୨୪-୨୫ରେ ଏହି ଭାଇରସ ୪୯ ପ୍ରତିଶତ ବୃଦ୍ଧି ପାଇଥିବା ବିଭିନ୍ନ ରିସର୍ଚ୍ଚରୁ ସ୍ୱଷ୍ଟ ହୋଇଛି। ଭାରତରେ ଏହି ସ୍ୱାସ୍ଥ୍ୟ ସମସ୍ୟା ସବୁ ସ୍ଥାନରେ ଦେଖିବାକୁ ମିଳୁନଥିଲେ ବି କିଛି କିଛି ସ୍ଥାନରେ ଏହି ସମସ୍ୟା ପିଲାମାନଙ୍କ ଠାରେ ଦେଖିବାକୁ ମିଳୁଥିବାର ଖବର ଆସୁଛି।

ନୋରୋ ଭାଇସର ଲକ୍ଷଣ ଦେଖିବାକୁ ମିଳେ ସଂକ୍ରମଣର ୧୨ରୁ ୪୮ ଘଣ୍ଟା ମଧ୍ୟରେ। ଝାଡ଼ା, ବାନ୍ତି, ପେଟ ଯନ୍ତ୍ରଣା ସହ ଏହି ସଂକ୍ରମଣ ସମୟରେ ଅତ୍ୟଧିକ ମୁଣ୍ଡବିନ୍ଧା ମଧ୍ୟ ହୋଇଥାଏ। ପେଟ ଯନ୍ତ୍ରଣା ବଢ଼ିଲେ ଏହା ଆପଣଙ୍କ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭରକୁ ସଂକ୍ରମିତ କରିବାର ସମ୍ଭାବନା ରଖିଥାଏ ଯାହାଦ୍ୱାରା ପୀଡ଼ିତ ଜଣଙ୍କୁ ଭୋକ ଲାଗିନଥାଏ କିନ୍ତୁ କୌଣସି ପ୍ରକାର ଖାଦ୍ୟ ଏପରିକି ପାନୀୟ ଗ୍ରହଣ କରିବା ମାତ୍ରେ ତତ୍କାଳ ବାନ୍ତି ହୋଇଯାଏ। କିନ୍ତୁ ଜ୍ୱର କିମ୍ବା ବିଶେଷ ଭାବରେ ଶରୀରରେ ଯନ୍ତ୍ରଣା ଅନୁଭବ ହୁଏ ନାହିଁ। ଏହି ରୋଗ ପାଇଁ ସେଭଳି କୌଣସି ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ନାହିଁ। ରୋଗ ହେବା ପରେ ୨-୩ ଦିନ ଯାଏ ଏହି ଭାଇରସର ପ୍ରଭାବ ଦେଖିବାକୁ ମିଳେ। ୩ ଦିନ ଭିତରେ ହିଁ ଏହି ରୋଗ ଦୂରେଇ ଯାଏ। ଯେହେତୁ ଝାଡ଼ାବାନ୍ତି ରୋଗର ପ୍ରମୁଖ ଲକ୍ଷଣ, ତେଣୁ ଏହି ସଂକ୍ରମଣ ସମୟରେ ଅଧିକ ପାଣି ପିଇବା ଓ ଇଲେକ୍ଟ୍ରୋଲାଇଟ ଥିବା ତରଳ ପାନୀୟ ପିଇବା ଜରୁରୀ। ଶରୀରର ଜଳୀୟ ଅଂଶ ବଜାୟ ରଖିବା ଏହି ରୋଗର ପ୍ରମୁଖ ଚିକିତ୍ସା। ବାରମ୍ବାର ସାନିଟାଇଜର ଦ୍ୱାରା ହାତ ଧୋଇବା, ଶୌଚାଳୟକୁ ସଫା ରଖିବା, ଘରର ଚଟାଣ ଭଲ ଭାବେ ପରିଷ୍କାର କରିବା ପାଇଁ ଡିସଇନଫେକ୍ଟାଣ୍ଟ ବ୍ୟବହାର କରିବା ଦ୍ୱାରା ନୋରୋ ଭାଇରସର ସଂକ୍ରମଣ କମିଯାଇପାରେ। ଏହା ବ୍ୟତୀତ ସଂକ୍ରମିତ ବ୍ୟକ୍ତିଙ୍କ ସିଧାସଳଖ ସଂସ୍ପର୍ଶରେ ଆସିଲେ ମଧ୍ୟ ଏହି ରୋଗ ବ୍ୟାପିଥାଏ। ତେଣୁ ସଂକ୍ରମିତ ବ୍ୟକ୍ତିଙ୍କର ସିଧାସଳଖ ସଂପର୍କରେ ଆସିବାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ନୋରୋ ଭାଇରସ ଦ୍ୱାରା ସଂକ୍ରମିତ ବ୍ୟକ୍ତି ଅନ୍ୟମାନଙ୍କ ପାଇଁ ରୋଷେଇ କରିବା ମଧ୍ୟ ଅନୁଚିତ।

ଓ୍ୱିଣ୍ଟର ଭୋମିଟିଂରେ ସବୁ ବର୍ଗର ଲୋକ ଆକ୍ରାନ୍ତ ହେବାର ଆଶଙ୍କା ଥାଏ। କିନ୍ତୁ ବୟସ୍କ ଓ ଶିଶୁମାନଙ୍କ ପାଇଁ ସଂକ୍ରମଣ ଆଶଙ୍କା ଅଧିକ। ବିଦେଶରେ ବିଶେଷକରି ଆମେରିକାର ମିଶିଗାନ, କାଲିଫର୍ନିଆ, ନ୍ୟୁଜର୍ସି ଆଦି ସ୍ଥାନରୁ ଉଲ୍ଲେଖନୀୟ ସଂଖ୍ୟକ ରୋଗୀ ଚିହ୍ନଟ ହୋଇଛନ୍ତି। ଅଧ୍ୟୟନରୁ ଜଣାପଡ଼ିଛି ଯେ ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ବୟସ ୬୫ ବର୍ଷରୁ ଉର୍ଦ୍ଧ୍ୱ ଓ ବଳକା ସଂକ୍ରମିତଙ୍କ ମଧ୍ୟରେ ଶିଶୁମାନଙ୍କ ସଂଖ୍ୟା ଅଧିକ। ଅନ୍ୟ ଏକ ସଂକ୍ରମିତ ବହୁଳ ଅଞ୍ଚଳ ଭର୍ଜିନିଆରେ ବିଦ୍ୟାଳୟମାନଙ୍କରେ ଶିଶୁମାନେ ଅଧିକ ସଂକ୍ରମିତ ହେଉଥିବାର ନଜର ରହିଛି। ଓ୍ୱିଣ୍ଟର ଭୋମିଟର ଲକ୍ଷଣ ଦେଖାଗଲେ ଅବହେଳା ବା ଅଣଦେଖା କରିବା ଠିକ ନୁହେଁ। ଓ୍ୱିଣ୍ଟର ଭୋମିଟ ସମସ୍ୟା ବିଷୟରେ ଠିକ ଭାବେ ଡାକ୍ତରଙ୍କୁ ଜଣାଇପାରିଲେ ଶୀଘ୍ର ଆରୋଗ୍ୟ ହେବା ସହଜ ହୋଇଥାଏ। ସର୍ବପ୍ରଥମେ ଏ ନେଇ ନିକଟସ୍ଥ ସରକାରୀ ଡାକ୍ତରଖାନା କିମ୍ବା ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ବିଶୁଦ୍ଧ ପାଣି ଓ ସୁଷମ ଖାଦ୍ୟ ଗ୍ରହଣ କରିବା ସହ ନିରାମିଷ ଖାଦ୍ୟ ସବୁଠାରୁ ଭଲ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ବାହାର ଖାଦ୍ୟ, ଫାଷ୍ଟଫୁଡ, ବାଶି ଖାଦ୍ୟ ଓ ଫ୍ରିଜ୍‌ରେ ରହିଥିବା ଥଣ୍ଡା ଖାଦ୍ୟ ନଖାଇବା ଭଲ। ଭୋକ ନ ଲାଗୁଥିଲେ ବାଧ୍ୟବାଧକତାରେ କୌଣସି ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ। ଓ୍ୱିଣ୍ଟର ଭୋମିଟିଂ ସେପରି ଏକ ଗୁରୁତର ପେଟ ନୁହେଁ। ଏହାକୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ କିମ୍ବା କୌଣସି ଗୁଜବକୁ ପ୍ରଚାର ପ୍ରସାର କରନ୍ତୁ ନାହିଁ। ବରଂ ନିଜେ ସତର୍କ ରହି ଅନ୍ୟମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଅନ୍ତୁ।

ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଆଶାପୂର୍ଣ୍ଣା ଦେବୀ

## ଡଃ.ଅରୁନ୍ଧତୀ ଦେବୀ

ପ୍ରସିଦ୍ଧ ବେଙ୍ଗଲୀ ଔପନ୍ୟାସିକା ଓ କବି ଆଶାପୂର୍ଣ୍ଣାଦେବୀ। ସାହିତ୍ୟ କ୍ଷେତ୍ରରେ ବଳିଷ୍ଠ ଅବଦାନ ଲାଗି ଅନେକ ପୁରସ୍କାର ଓ ସମ୍ମାନର ସେ ଅଧିକାରିଣୀ ହୋଇଛନ୍ତି। ୧୯୭୬ରେ ଜ୍ଞାନପୀଠ ଏବଂ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଜବଲପୁର ୟୁନିଭର୍ସିଟି ଦ୍ୱାରା ଡି.ଲିଟ୍, ୧୯୮୯ରେ ବିଶ୍ୱ ଭାରତୀ ୟୁନିଭର୍ସିଟି ଦେଶୀକୋଟ୍ଟାମା ସମ୍ମାନରେ ତାଙ୍କୁ ସମ୍ମାନିତ କରିଥିଲା। ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ଜଗତରେ ଅବଦାନ ଲାଗି ୧୯୯୪ରେ ସାହିତ୍ୟ ଏକାଡ଼େମୀ ପକ୍ଷରୁ ତାଙ୍କୁ ଫେଲୋସିପ୍ ପ୍ରଦାନ କରାଯାଇଥିଲା। ତାଙ୍କ ସମୟରେ ଝିଅମାନଙ୍କୁ ସ୍କୁଲ ଯିବାକୁ ଦିଆଯାଉନଥିଲା। କେବଳ ପୁଅଙ୍କ ଲାଗି ଘରେ ଟ୍ୟୁସନ୍ ମାଷ୍ଟର ବ୍ୟବସ୍ଥା ଥିଲା। ଭାଇ ପଢ଼ିବାବେଳେ ପାଖରେ ବସି ଆଶାପୂର୍ଣ୍ଣା ନିଜେ ନିଜେ ପଢୁଥିଲେ।

ପୁସ୍ତକ ପ୍ରତି ତାଙ୍କ ଦୁର୍ବଳତା ପିଲାଦିନୁ ଜଣାପଡ଼ିଥିଲା। କବିତା ଲିଖନ ଓ ପଠନରେ ଭଉଣୀମାନଙ୍କ ସହ ଆଶାପୂର୍ଣ୍ଣାଙ୍କର ଅନେକ ସମୟରେ ପ୍ରତିଯୋଗିତା ହେଉଥିଲା। ୧୩ ବର୍ଷ ବୟସରେ ତାଙ୍କ କବିତା ବୈରର ଡାକ ପ୍ରକାଶ ପାଇଥିଲା। ପ୍ରଥମେ ସେ ପିଲାଙ୍କ ପାଇଁ ଲେଖାଲେଖି କରୁଥିଲେ। ୧୯୩୬ରେ ବୟସ୍କଙ୍କ ପାଇଁ ଲିଖିତ ତାଙ୍କର ପ୍ରଥମ କାହାଣୀ ପତ୍ନୀ ଓ ପ୍ରେୟସୀ ଆନନ୍ଦ ବଜାର ପତ୍ରିକାରେ ପ୍ରକାଶ ପାଇଥିଲା। ତାଙ୍କର ପ୍ରଥମ ଉପନ୍ୟାସ ପ୍ରେମ ଓ ପ୍ରୟୋଜନ ୧୯୪୪ରେ ପ୍ରକାଶ ପାଇଥିଲା। ତାପରେ ତାଙ୍କ ଲେଖନୀ ଆଉ ଅଟକିନଥିଲା। ଆଶାପୂର୍ଣ୍ଣାଙ୍କ ଅଧିକାଂଶ ଲେଖା ସାମାଜିକ ପୃଷ୍ଠଭୂମି ଉପରେ ଆଧାରିତ। ସାମାଜିକ ଅସମାନତା, ଅନ୍ୟାୟ, ଜାତିପ୍ରଥା ବିରୋଧରେ ସେ ସ୍ୱରୋତ୍ତଳନ କରିଥିଲେ। ୧୯୦୯ ଜାନୁଆରୀ ଆଜିର ଦିନ କଲିକତା ସ୍ଥିତ ପୋଟୋଲଡାଙ୍ଗଠାରେ ଆଶାପୂର୍ଣ୍ଣା ଜନ୍ମ ହୋଇଥିଲେ।

ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ପଛରେ ପଡ଼ିବ ବନ୍ଦେ ଭାରତ , ଭାରତରେ ଏବେ ପାଣିରେ ଚାଲିବ ଟ୍ରେନ୍

**ନୂଆଦିଲ୍ଲୀ,୮।୧(ଏଜେନ୍ସି):**ଭାରତୀୟ ରେଳବାଇ ନିରନ୍ତର ନୂତନ ରେକର୍ଡ ଭାଙ୍ଗି ଚାଲିଛି । ନିକଟରେ ବନ୍ଦେ ଭାରତ ସ୍ଲିପରର ଶୁଭାରମ୍ଭ ତାରିଖ ଘୋଷଣା କରାଯାଇଥିବା ବେଳେ ଭାରତୀୟ ରେଳବାଇ ଖୁବଶୀଘ୍ର ଆଉ ଏକ ସ୍ୱତନ୍ତ୍ର ଟ୍ରେନର ପରୀକ୍ଷଣ ଆରମ୍ଭ କରିବ ଯାହା ବନ୍ଦେ ଭାରତକୁ ମଧ୍ୟ ପଛରେ ପକାଇବ, କାରଣ ଏହା ଡିଜେଲ କିମ୍ବା ବିଦ୍ୟୁତରେ ଚାଲିବ ନାହିଁ କାରଣ ଏହା ପାଣିରେ ଚାଲିବ। ହଁ ଆମେ ଏକ ହାଇଡ୍ରୋଜେନ୍ ଟ୍ରେନ ବିଷୟରେ କହୁଛୁ। ଏହାର ଟ୍ୟାଙ୍କରଗୁଡ଼ିକୁ ହାଇଡ୍ରୋଜେନ୍ ରେ ଭର୍ତ୍ତି କରିବା ପାଇଁ ପରୀକ୍ଷଣ ଆରମ୍ଭ ହୋଇସାରିଛି । ରେଳ ମନ୍ତ୍ରଣାଳୟ ଅନୁଯାୟୀ ହରିୟାଣାର ଜିନ୍ଦରେ ଥିବା ହାଇଡ୍ରୋଜେନ୍ ପ୍ଲାଣ୍ଟକୁ କେବଳ ହାଇଡ୍ରୋଜେନ୍ ଉତ୍ପାଦନ କରିବା ପାଇଁ ନୁହେଁ ବରଂ ସଂରକ୍ଷଣ



ଏବଂ ରିଫିଲିଂ ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି। ହାଇଡ୍ରୋଜେନ୍ ଟ୍ରେନର ବୈଷୟିକ ପରୀକ୍ଷଣ ଖୁବ୍‌ଶୀଘ୍ର ଆରମ୍ଭ ହେବ । ଟ୍ରେନର ନିୟମିତ ପରୀକ୍ଷଣ ଆରମ୍ଭ ହେବ । ପ୍ଲାଣ୍ଟରେ ହାଇଡ୍ରୋଜେନ୍ ଟ୍ରେନର ଟ୍ୟାଙ୍କରେ ହାଇଡ୍ରୋଜେନ୍ ଭର୍ତ୍ତି କରିବାର ପରୀକ୍ଷା କରାଯାଇଛି। ସମସ୍ତ ହାଇଡ୍ରୋଜେନ୍ ସିଲିଣ୍ଡରଗୁଡ଼ିକୁ ପ୍ରତିଷ୍ଠିତ ମାନଦଣ୍ଡ ଅନୁଯାୟୀ ଭର୍ତ୍ତି କରାଯାଇଥିଲା ଏବଂ ଚାପ ଯାଞ୍ଚ କରାଯାଇଥିଲା । ଅଧିକାରୀଙ୍କ ଅନୁଯାୟୀ, ପରୀକ୍ଷଣ ସମ୍ପୂର୍ଣ୍ଣ ନିରାପଦ ଏବଂ ବୈଷୟିକ ଭାବରେ ସଫଳ ହୋଇଥିଲା । ଏହା ଟ୍ରେନକୁ ପରୀକ୍ଷଣ ପାଇଁ ଟ୍ରାକରେ ଚାଲିବା ପାଇଁ ପଥ ପରିଷ୍କାର କରିଥାଏ । ଏହି ଟ୍ରେନରେ ମୋଟ ୨୭ଟି ସିଲିଣ୍ଡର ସ୍ଥାପନ କରାଯାଇଛି ।

# ତୁର୍କମାନ ଗେଟ୍ ହିଂସାରେ ସାମିଲ ଥିବା ୧୧ଜଣ ଅଭିଯୁକ୍ତ ଗିରଫ

**ନୂଆଦିଲ୍ଲୀ,୮।୧(ଏଜେନ୍ସି):**ତୁର୍କମାନ ଗେଟ୍ ହିଂସାରେ ସାମିଲ ଥିବା ୧୧ଜଣ ଅଭିଯୁକ୍ତ ଗିରଫ । ୨୫ଜଣଙ୍କୁ ଚିହ୍ନଟ କଲା ପୁଲିସ । ଜାନୁଆରି ୬ତାରିଖ ରାତି ପ୍ରାୟ ୧ଟା ସମୟରେ ଦିଲ୍ଲୀର ରାମଲୀଳା ମଇଦାନ ନିକଟରେ ଥିବା ଏକ ମସଜିଦ ଏବଂ କବରସ୍ଥାନ ସଂଲଗ୍ନ ଜମିରୁ ଜବରଦଖଲ ହଟାଯାଇଥିଲା । ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ, MCD ୧୭ଟି ବୁଲଡୋଜର ବ୍ୟବହାର କରି ଏଠାରେ ଥିବା ବିବାହ ହଲ, ଡାଇଗ୍ନୋଷ୍ଟିକ୍ ସେଣ୍ଟର ଏବଂ ଦୋକାନ ଭାଙ୍ଗି ଦେଇଥିଲା ।ଯେତେବେଳେ ତୁର୍କମାନ ଗେଟ୍ ସ୍ଥିତ ଫୈଜ-ଏ-ଇଲାହି ମସଜିଦ ନିକଟରେ ଏହି କାର୍ଯ୍ୟାନୁଷ୍ଠାନ କରାଯାଉଥିଲା, ସେତେବେଳେ ଏକାଧିକ ଲୋକ ପୁଲିସ ଓ MCD କର୍ମଚାରୀଙ୍କ ଉପରେ ପଥର ମାଡ଼ କରିଥିଲା । ଭିଡ଼ କାର୍ଯ୍ୟ ବନ୍ଦ କରିବା ପାଇଁ ବ୍ୟାରିକେଡ୍ ଭାଙ୍ଗିଥିଲା, କିନ୍ତୁ ପୁଲିସ ଲୁହ ବୁହା ଗ୍ୟାସ୍ ଛାଡ଼ି ସେମାନଙ୍କୁ ଘଉଡ଼ାଇ ଦେଇଥିଲା । ଏବେ ପଥରମାଡ଼ କରିଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ଆରମ୍ଭ କରିଛି ପୁଲିସ।ପୁଲିସ ଅଧିକାରୀମାନେ କହିଛନ୍ତି ଯେ, ହିଂସାରେ ସମ୍ପୃକ୍ତ ଥିବା ନେଇ ୩୫ଜଣ ସନ୍ଦେହ ଘେରରେ ଥିବା ବେଳେ ଏପର୍ଯ୍ୟନ୍ତ ୨୫ ଜଣଙ୍କୁ ଚିହ୍ନଟ କରାଯାଇଛି । ଘଟଣା ଘଟିଥିବା ଅଞ୍ଚଳର ସିସିଟିଭି ଫୁଟେଜ ଜାଞ୍ଚ



କରାଯିବା ସହ ଦିଲ୍ଲୀ ପୁଲିସ କର୍ମଚାରୀଙ୍କ ଶରୀରରେ ଲାଗିଥିବା କ୍ୟାମେରା ଫୁଟେଜ ବ୍ୟବହାର କରି ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା । ଏତେ ସଂଖ୍ୟକ ଲୋକ ଆସିଲେ କିପରି ସେ ନେଇ ପ୍ରଶ୍ନ ଉଠୁଥିବା ବେଳେ ଦିଲ୍ଲୀ ପୁଲିସ ତଦନ୍ତରୁ ପୂରା ଘଟଣା ଜଣାପଡ଼ିଥିଲା । ଘଟଣାସ୍ଥଳରେ ପରିସ୍ଥିତି ଖରାପ ହେବା ପୂର୍ବରୁ ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କୁ ଉସୁକାଇବା ପାଇଁ ଚେଷ୍ଟା କରାଯାଇଥିଲା । କିଛି ଲୋକ ଭିଡିଓ ତିଆରି କରି ମିଥ୍ୟା ଖବର ପ୍ରଚାର କରିଥିଲେ । ଭିଡିଓରେ ଦାବି କରାଯାଇଥିଲା ଯେ, ମସଜିଦ ଭଙ୍ଗାଯାଉଛି ଏବଂ ମୁସଲମାନମାନେ ବହୁ ସଂଖ୍ୟାରେ ବାହାରକୁ ଆସିବା ଉଚିତ । ଏହି ଭ୍ରାମକ ଭିଡିଓର ଉଦ୍ଦେଶ୍ୟ ଥିଲା ଭିଡ଼ ଏକତ୍ର କରିବା ଏବଂ ଉତ୍ତେଜନାପୂର୍ଣ୍ଣ ସୃଷ୍ଟି କରିବା । ଭିଡିଓ ଦେଖି ଏକାଧିକ ଲୋକ ଘଟଣାସ୍ଥଳରେ ପହଞ୍ଚି ପଥରମାଡ଼ କରିବା ଆରମ୍ଭ କରିଥିଲେ।

# ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଦାସଙ୍କ ହତ୍ୟା ମାମଲା, ମୁଖ୍ୟ ଅଭିଯୁକ୍ତ ଗିରଫ

**ନୂଆଦିଲ୍ଲୀ,୮।୧(ଏଜେନ୍ସି):**ଅଶାନ୍ତ ପାଲଟିଛି ବାଂଲାଦେଶ । ଏଠାରେ ହିନ୍ଦୁଙ୍କ ବିରୋଧରେ ହିଂସାକାଣ୍ଡ ବଢିବାରେ ଲାଗିଛି । ବିଗତ ଦିନରେ ଏକ ହିନ୍ଦୁ ଗାରମେଣ୍ଟ ଫ୍ୟାକ୍ଟ୍ରିରେ କାମ କରୁଥିବା ଦୀପୁ ଚନ୍ଦ୍ର ଦାସଙ୍କୁ ନିର୍ଦ୍ଦୟ ଭାବେ ପିଟି ପିଟି ହତ୍ୟା କରି ଥିଲେ। ଏହାପରେ ମୃତଦେହକୁ ସର୍ବସାଧାରଣରେ ଜଳାଇ ଦେଇ ଥିଲେ । ଏହି ମାମଲା ସାରା ଦୁନିଆର ଧ୍ୟାନ ଆକର୍ଷଣ କରିଥିଲା ଏବଂ ଅନେକ ସ୍ଥାନରେ ୟୁନୁସ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଏହି ସ୍ଥିତିରେ ବାଂଲାଦେଶର ପୁଲିସକୁ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହେବାକୁ ପଡ଼ିଲା । ପୁଲିସ ଦୀପୁ ଦାସଙ୍କ ମାମଲାରେ ମୁଖ୍ୟ ଅଭିଯୁକ୍ତ ୟାସିନ ଅରାଫାତକୁ ଗିରଫ କରିଛି । ଇଣ୍ଡିଆଟୁଡେ ଅନୁସାରେ , ୟାସିନ ଅରାଫାତ ଜଣେ ପୂର୍ବତନ ଶିକ୍ଷକ ଏବଂ କୁହାଯାଉଛି ଯେ, ଏମିତି ହିଁ ଏକ ହତ୍ୟାକାଣ୍ଡକୁ ସଫଳ କରିବାରେ ପୂରା ପ୍ଲାନିଂ କରିଥିଲା ଏବଂ ଏହାକୁ ସଫଳ କରି ଥିଲା । ପୁଲିସ ଅନୁସାରେ , ଦୀପୁ ଦାସଙ୍କ ହତ୍ୟା ପରେ, ଅରାଫାତ ଅଭିଯୋଗ ମୁତାବିକ ସେହି ଅଞ୍ଚଳରୁ ଫେରାର ହୋଇ ଯାଇ ଥିଲା ଏବଂ ଲୁଚି ଗଲାୟ ଏହାପରେ ସେ ଗୁରୁବାର ଗିରଫ ହୋଇଛି। ପୁଲିସ ମୁତାବିକ , ୟାସିନ ହିଁ ଦୀପୁ ଚନ୍ଦ୍ର ଦାସଙ୍କ ଉପରେ ଭିଡ଼ ଭିତରେ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର ରଚି ଥିଲା । ଲୋକଙ୍କୁ ଏକାଠି ହେବା ଓ ଦାସଙ୍କୁ ଟାର୍ଗେଟ୍ କରିବା ପାଇଁ ଉସୁକାଇବା । ଗତ ମାସରେ ୧୮ ଡିସେମ୍ବରରେ ବାଂଲାଦେଶର ମ୍ୟାମନସିଂହ ଜିଲ୍ଲାରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କ ଉପରେ ଈଶ୍ୱର ନିନ୍ଦାର ଅଭିଯୋଗ ଲାଗି ଥିଲା । ଏହାପରେ ସେହି ଫ୍ୟାକ୍ଟ୍ରିରୁ ବାହାର କରାଯାଇ ଥିଲା । କ୍ରୋଧିତ ଭିଡ଼ ତାକୁ ପିଟି ପିଟି ମାରି ଦେଲେ ଏବଂ ପୁଣି ଏକ ଚାରି ଛକ ରାସ୍ତାରେ ତାଙ୍କର ମୃତଦେହକୁ ଝୁଲାଇ ସମସ୍ତଙ୍କ ଆଗରେ ପେଟ୍ରୋଲ ଢାଳି ନିଆଁ ଲଗେଇ ଦେଲେ । ପୁଲିସ ଏହା ମଧ୍ୟ କହିଛି, ଅରାଫାତ କେବଳ ଭିଡ଼କୁ ଉସୁକାଇ ନଥିଲା , ବରଂ ନିଜେ ଯାଇ ତାଙ୍କୁ ଟାଣି ଥିଲା ଏବଂ ଗଛରେ ବାନ୍ଧି ସେଥିରେ ନିଆଁ ଲଗାଇ ଦେଇଥିଲା । ସେ ସେହି ଅଞ୍ଚଳରେ ରହୁ ଥିଲା ଏବଂ ଏକ ମସଜିଦରେ ପଢାଉ ଥିଲା । ଏବେ ତାର ଗିରଫଦାରୀ ପରେ ତାର ଭୂମିକାକୁ ନେଇ ଯାଞ୍ଚ କରାଯାଉଛି ।

# ୟୁଏଇକୁ ଜେଏଫ୍-୧୭ ବିମାନ ବିକି ଋଣ ଶୁଝିବ ପାକିସ୍ତାନ

**ନୂଆଦିଲ୍ଲୀ,୮।୧(ଏଜେନ୍ସି):**ସାଉଦି ଆରବ ଏବଂ ପାକିସ୍ତାନ ଗତ ବର୍ଷ ଏକ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଚୁକ୍ତି ଅନୁଯାୟୀ ଆକ୍ରମଣ ସମୟରେ ଉଭୟ ଦେଶ ପରସ୍ପରକୁ ସାହାଯ୍ୟ କରିବେ । ଏବେ, ସମ୍ବାଦ ସଂସ୍ଥା ସରବରାହ ରଏଟର୍ସ ରିପୋର୍ଟ କରିଛି ଯେ, ପାକିସ୍ତାନ ଏବଂ ସାଉଦି ଆରବ ମଧ୍ୟରେ ଜେଏଫ୍-୧୭ ଲଢୁଆ ବିମାନ ଚୁକ୍ତିନାମା ସମ୍ପର୍କରେ ଆଲୋଚନା ଚାଲିଛି। ଏହି ଆଲୋଚନାର ମୂଳ କାରଣ ହେଉଛି ସାଉଦି ଆରବ ଜେଏଫ୍-୧୭ ଲଢୁଆ ବିମାନ କ୍ରୟ କରିବ ଏବଂ ପାକିସ୍ତାନର ୨ ବିଲିୟନ ଡଲାର ଋଣ ଏହା ଦ୍ୱାରା ଛାଡ ପାଇବ । ଦୁଇ ଦେଶ ମଧ୍ୟରେ ଏହି ଆଲୋଚନା ଏପରି ଏକ ସମୟରେ ହେଉଛି ଯେତେବେଳେ ସାଉଦି ଆରବ ୟେମେନରେ UAE ବିରୋଧରେ ନିଜର ସାମରିକ ଶକ୍ତି ପ୍ରଦର୍ଶନ କରୁଛି । ଇସ୍ରାଏଲର କାତାର ଉପରେ ଆକ୍ରମଣ ପରେ ସାଉଦି ଆରବ ପାକିସ୍ତାନ ସହିତ ଏକ ସାମରିକ ଚୁକ୍ତିନାମା ସ୍ୱାକ୍ଷର କରିଛି । ପାକିସ୍ତାନ ବିଶ୍ୱର ଏକମାତ୍ର ମୁସଲିମ ବହୁଳ ଦେଶ ଯାହା ପାଖରେ ପରମାଣୁ ଅସ୍ତ୍ର ଅଛି । ତେବେ ଏଭଳି ଚୁକ୍ତି ମାଧ୍ୟମରେ ଅସୀମ ମୁନିର ଏକ ମାଷ୍ଟରଷ୍ଟ୍ରୋକ୍ ଖେଳିଥିବା କୁହାଯାଉଛି । ୟୁଏଇକୁ ଜେଏଫ୍-୧୭ ବିମାନ ବିକି ପାକିସ୍ତାନ ନିଜର ଋଣ ଶୁଝିବାର ବାଟ ଖୋଜିଛି । ସମ୍ବାଦ ସରବରାହ ସଂସ୍ଥା ରଏଟର୍ସ ଅନୁଯାୟୀ, ସାଉଦି ଆରବ ଜେଏଫ୍-୧୭ କିଣିବା ପାଇଁ ପାକିସ୍ତାନ ସହିତ ୪ ବିଲିୟନ ଡଲାରର ସମ୍ଭାବ୍ୟ ଚୁକ୍ତିନାମା ଉପରେ ଆଲୋଚନା କରିଛି । ପାକିସ୍ତାନ ଚୀନ୍ ସହାୟତାରେ ଜେଏଫ୍-୧୭ ବିକଶିତ କରିଛି। ସେଥିରେ ପାକିସ୍ତାନର ୩୫ ପ୍ରତିଶତ ଅଂଶଧନ ଅଛି ଏବଂ ଚୀନର ୬୫ ପ୍ରତିଶତ ଅଂଶଧନ ଅଛି । ଏହି କାରଣରୁ କିଛି ବିଶେଷଜ୍ଞ ଏହି ଚୁକ୍ତିର ସମ୍ଭାବନା ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଶେଷକରି ଯେହେତୁ ସାଉଦି ଆରବ ନିଜେ ଆମେରିକାଠାରୁ ଏଫ୍-୩୫ ଗୁପ୍ତ ଯୁଦ୍ଧ ବିମାନ କିଣିବା ପାଇଁ ଆଲୋଚନା କରୁଛି । ଗତ ବର୍ଷ ଶେଷ ଭାଗରେ, ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନ ଆମେରିକା ଗସ୍ତ କରିଥିଲେ ଏବଂ ହ୍ୱାଇଟ୍ ହାଉସରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିଲେ । ଉଭୟେ ଏଫ୍-୩୫ ବିଷୟରେ ଆଲୋଚନା କରିଥିଲେ। ରଏଟର୍ସ ରିପୋର୍ଟ କରିଛି ଯେ ଋଣ ପରିବର୍ତ୍ତେ ଯୁଦ୍ଧ ବିମାନ ଉପକରଣ ପାଇଁ ଅତିରିକ୍ତ ସାଉଦି ୨ ବିଲିୟନ ଡଲାର ଖର୍ଚ୍ଚ କରିବ । ସାଉଦି ଆରବ ଏବଂ ପାକିସ୍ତାନ ମଧ୍ୟରେ ଦଶନ୍ଧି ଧରି ଭଲ ସମ୍ପର୍କ ରହିଛି । ଯେତେବେଳେ ବି ପାକିସ୍ତାନ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି, ସାଉଦି ଆରବ ଋଣ ଦେଇ ଦେବାଳିଆ ହେବାରୁ ରକ୍ଷା କରିଛି । ୨୦୨୮ରେ, ସାଉଦି ଆରବ ପାକିସ୍ତାନକୁ ୬ ବିଲିୟନ ଡଲାରର ଜରୁରୀକାଳୀନ ଋଣ ଦେଇଥିଲା । ସେଥିପାଇଁ ସାଉଦି ପାକିସ୍ତାନର କେନ୍ଦ୍ରୀୟ ବ୍ୟାଙ୍କରେ ୩ ବିଲିୟନ ଡଲାର ଜମା କରିଥିଲା ଏବଂ ୩ ବିଲିୟନ ଡଲାର ମୂଲ୍ୟର ତେଲ ଯୋଗାଣ କରିବାକୁ ରାଜି ହୋଇଥିଲା । ମିଡିଲ ଇଷ୍ଟ ଆଇ ରିପୋର୍ଟ ଅନୁଯାୟୀ, ଗତ ଆଠ ବର୍ଷ ମଧ୍ୟରେ, ସାଉଦି ଆରବ ପାକିସ୍ତାନର କେନ୍ଦ୍ରୀୟ ବ୍ୟାଙ୍କରେ ଅନେକ ଥର ନିଜର ଜମାକୁ ରୋଲଓଭର କରିଛି, ଯାହା ଯୋଗୁଁ ଇସଲାମାବାଦ ଦେବାଳିଆ ହେବାରୁ ରକ୍ଷା ପାଇଛି । ତେବେ ଦି ୱିଲସନ୍ ସେଣ୍ଟରର ପୂର୍ବତନ ବରିଷ୍ଠ ଫେଲୋ ଏବଂ ଡନ୍ ଖବରକାଗଜର ଅନ୍ତର୍ଜାତୀୟ ବ୍ୟାପାର ସାମ୍ବାଦିକ ବାକିର ସଜ୍ଜାଦ ସାଉଦି ଆରବ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ଜେଏଫ୍-୧୭ ଚୁକ୍ତି ଉପରେ ସନ୍ଦେହ ପ୍ରକାଶ କରିଛନ୍ତି । ସେ ଆମେରିକାର ଆଲବାନି ବିଶ୍ୱବିଦ୍ୟାଳୟର ପ୍ରଫେସର ଏବଂ ଏସୀୟ ବ୍ୟାପାର ବିଶେଷଜ୍ଞ କ୍ରିଷ୍ଟୋଫର କ୍ଲାରିଙ୍କ ଟ୍ୱିଟର ଜବାବରେ କହିଛନ୍ତି, ସାଉଦି ଆରବ ଏବଂ ପାକିସ୍ତାନ ମଧ୍ୟରେ ଜେଏଫ୍-୧୭ ସମ୍ପର୍କରେ ଚାଲିଥିବା ଆଲୋଚନା ଉପରେ ସନ୍ଦେହ କରିବାର ଅନେକ କାରଣ ଅଛି ।

# ଭାରତୀୟ ବଜାରରେ କମିଲା ସୁନା ଦର

**ନୂଆଦିଲ୍ଲୀ,୮।୧(ଏଜେନ୍ସି):**ଗ୍ରାହକଙ୍କ ପାଇଁ ଖୁସି ଖବର । କମିଲା ସୁନା ଦର । ଆଗକୁ ବିବାହ ଋତୁ ଥିବାବେଳେ ସୁନା ଦରରେ ହ୍ରାସ ଘଟିବା ଗ୍ରାହକଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି ।ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନାର ମୂଲ୍ୟ ୦.୫୬ ପ୍ରତିଶତ ହ୍ରାସ ପାଇ ୧୦ ଗ୍ରାମ ପ୍ରତି ୧,୩୭,୨୩୮ ଟଙ୍କା ସ୍ତରରେ ପହଞ୍ଚିଛି । ସେହିପରି ରୂପାର ମୂଲ୍ୟ ୦.୮୪ ପ୍ରତିଶତ ହ୍ରାସ ପାଇ ୨.୪୮,୪୯୧ ଟଙ୍କା ପ୍ରତି କିଲୋଗ୍ରାମ ରେକର୍ଡ କରାଯାଇଛି । ବିଶ୍ୱ ସ୍ତରରେ ଅସ୍ଥିରତା ସୁନାର ମୂଲ୍ୟ ଉପରେ ମଧ୍ୟ ପ୍ରଭାବ ପକାଉଛି । ସକାଳେ, ରାଜଧାନୀ ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ୧୩୯,୬୪୦ ରେ କାରବାର ହେଉଥିଲା । ମୁମ୍ବାଇରେ, ମୂଲ୍ୟ ୧୩୮,୨୬୦ ପ୍ରତି ୧୦ ଗ୍ରାମ ଥିଲା । ଅନ୍ତର୍ଜାତୀୟ ବଜାରରେ ସୁନାର ସ୍ପଟ୍ ମୂଲ୍ୟ ଆଉନ୍ସ ପ୍ରତି ୪,୪୪୯.୮୭ । ଆସନ୍ତୁ ଜାଣିବା ଦେଶର କିଛି ପ୍ରମୁଖ ସହରରେ ସୁନା ଦରଦିଲ୍ଲୀରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୧, ୩୮,୧୫୦ ଟଙ୍କା ।୨୨ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୧,୨୬,୬୫୦ ଟଙ୍କା । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୮,୦୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୬,୫୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୯ ,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୭,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୮,୦୦୦ ଓ ୧,୨୬,୫୦୦ ଟଙ୍କା ରହିଛି । ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ଦର ୧,୩୮,୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ସୁନା ପ୍ରାଇସ ୧,୨୬,୭୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୩,୦୦୦ ଟଙ୍କା ହୋଇଛି । ଯଦି ଆପଣ ସୁନାର ଶୁଦ୍ଧତା ଯାଞ୍ଚ କରିବାକୁ ଚାହୁଁଛନ୍ତି, ତେବେ ଆପଣ 'BIS Care app'ରେ ଯାଞ୍ଚ କରିପାରିବେ । ସୁନାର ଲାଇସେନ୍ସ ନମ୍ବର, ହଲମାର୍କ କିମ୍ବା ପଞ୍ଜୀକରଣ ସଂଖ୍ୟା ଭୁଲ ଥିଲେ, ଆପଣ ସିଧାସଳଖ ସରକାରଙ୍କ ନିକଟରେ ଅଭିଯୋଗ କରିପାରିବେ । ଅଭିଯୋଗ କରିବା ପରେ ଏହି ପ୍ରସଙ୍ଗରେ କ'ଣ ପଦକ୍ଷେପ ନିଆ।ଯାଇଛି ସେ ସମ୍ବନ୍ଧରେ ମଧ୍ୟ ସୂଚନା ପାଇପାରିବେ ।

# ଭାରତୀୟ ସେନା କିଣିବ 'ସୁଇସାଇଡ୍' ଡ୍ରୋନ୍ !

**ନୂଆଦିଲ୍ଲୀ,୮।୧(ଏଜେନ୍ସି):**ଭାରତୀୟ ସେନା ସ୍ୱଦେଶୀ 'ସୁଇସାଇଡ୍' ଡ୍ରୋନ୍ କିମ୍ବା ଲୋଇଟରିଂ ମ୍ୟୁନିସନର ଏକ ବଡ଼ ଖେପ କିଣିବାକୁ ଯାଉଛି । ଏହି ଆତ୍ମଘାତୀ ଡ୍ରୋନଗୁଡ଼ିକ ବିସ୍ଫୋରକ ଦ୍ୱାରା ସଜ୍ଜିତ ହେବ ଏବଂ ଶତ୍ରୁ ଅଞ୍ଚଳରେ ପଶି ସେମାନଙ୍କ ଠିକଣାକୁ ଛାରଖାର କରିଦେବ । ଏଗୁଡ଼ିକ ଏପରି ଡ୍ରୋନ୍, ଯାହା ରାଡାର ସିଷ୍ଟମକୁ ଚକ୍କା ଦେବାରେ ସଫଳତାର ସହ କରିବାକୁ ସକ୍ଷମ । ଏହାର ଅର୍ଥ ହେଉଛି, ଶତ୍ରୁ ସେନା କିଛି ଜାଣିବା ପୂର୍ବରୁ ହିଁ ସେମାନଙ୍କୁ ମାଟିରେ ମିଶାଇ ଦିଆଯିବ । ସେନା ପକ୍ଷରୁ ଖୁବ୍ ଶୀଘ୍ର ଏହି ବଡ଼ ପ୍ରୋଜେକ୍ଟ ପାଇଁ ଟେଣ୍ଡର ଜାରି କରାଯାଇପାରେ । ଭାରତୀୟ କମ୍ପାନିଗୁଡ଼ିକ ଦେଶରେ ଡିଜାଇନ୍ ଏବଂ ବିକଶିତ ହୋଇଥିବା ଲୋଇଟରିଂ ମ୍ୟୁନିସନ୍ ଯୋଗାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଚୁକ୍ତି ପ୍ରାୟ ୨,୦୦୦ କୋଟି ଟଙ୍କାର ହେବ ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହା ଅନେକ ଗୁଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ସେନା ନିଜର ଅନେକ ୟୁନିଟକୁ 'ସୁଇସାଇଡ୍' ଡ୍ରୋନ୍ ଦ୍ୱାରା ସଜ୍ଜିତ କରିବାକୁ ଯୋଜନା କରୁଛି, ଯାହାଫଳରେ ସେମାନେ ଶତ୍ରୁ ଅଞ୍ଚଳର ଅଳ୍ପ ଦୂରତା କିମ୍ବା ବହୁ ଭିତରକୁ ଯାଇ ବିନାଶ କରିପାରିବେ । ସୂତ୍ର ଅନୁସାରେ, ଏହି ଅର୍ଡର ପୂରଣ କରିବା ପାଇଁ ଅନେକ ଭାରତୀୟ କମ୍ପାନି ଆଗକୁ ଆସିବେ, ଯାହାଫଳରେ ବିଦେଶୀ କମ୍ପାନି ଉପରେ ନିର୍ଭରଶୀଳତା କମିବ ଏବଂ 'ଆତ୍ମନିର୍ଭର ଭାରତ' ଅଭିଯାନ ଆଗକୁ ବଢ଼ିବ । ଏହାଦ୍ୱାରା ଏକ ସ୍ୱଦେଶୀ ଶିଳ୍ପ ଇକୋସିଷ୍ଟମ୍ ପ୍ରସ୍ତୁତ ହେବ । ଏହି ଟେଣ୍ଡରଗୁଡ଼ିକ 'ଫାଷ୍ଟ-ଟ୍ରାକ୍' ପ୍ରକ୍ରିୟାରେ ଜାରି କରାଯିବ, ଯାହାଫଳରେ କିଛି ମାସ ମଧ୍ୟରେ ସେନା ଏହାର ପରୀକ୍ଷଣ କରିପାରିବ ଏବଂ ଉନ୍ନତ ବିକଳ୍ପ ବାଛି ଅର୍ଡର ଦେଇପାରିବ । ସାଧାରଣ ପ୍ରକ୍ରିୟାରେ ଏହି କାମ ପାଇଁ ଅତି କମରେ ଦୁଇ ବର୍ଷ ଲାଗିଥାଏ। ଏହି ପ୍ରୋଜେକ୍ଟରେ ଦୁଇଟି ଦେଶୀ କମ୍ପାନି ସାମିଲ ହେବେ, ଯେଉଁମାନଙ୍କୁ ୬୦:୪୦ ଅନୁପାତରେ କାର୍ଯ୍ୟାଦେଶ ମିଳିବ । ପରୀକ୍ଷଣରେ ସଫଳ ହୋଇଥିବା ଏବଂ ସର୍ବନିମ୍ନ ବିଡ୍ ଲଗାଇଥିବା କମ୍ପାନିଗୁଡ଼ିକୁ ଏହି ସୁଯୋଗ ମିଳିବ । ଟାଟା ଆଡଭାନ୍ସଡ ସିଷ୍ଟମସ୍, ଆଦାନୀ ଡିଫେନ୍ସ, ସୋଲାର ଡିଫେନ୍ସ ଏଣ୍ଡ ଏରୋସ୍ପେସ୍ ଲିମିଟେଡ୍ ଏବଂ ନ୍ୟୁସ୍ପେସ୍ ରିସର୍ଚ୍ଚ ଏଣ୍ଡ ଟେକ୍ନୋଲୋଜି ପରି ବଡ଼ କମ୍ପାନିଗୁଡ଼ିକ ଏହି ଦୌଡ଼ରେ ଅଛନ୍ତି । ଏହା ସହିତ ନାଇବ ଡିଫେନ୍ସ, ଏ-ଭିଜନ୍ ଏବଂ ଏସ୍‌ଏମ୍ପିପି ପରି କମ୍ପାନୀ ମଧ୍ୟ ସାମିଲ ହୋଇପାରନ୍ତି । ଗତବର୍ଷ ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ସେନାରେ ଡ୍ରୋନ୍ ଏବଂ ଲୋଇଟରିଂ ମ୍ୟୁନିସନ୍ ସାମିଲ କରିବା ପାଇଁ ସ୍ୱତନ୍ତ୍ର ଡ୍ରୋନ୍ ୟୁନିଟ୍ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ । ସେ 'ଇଗଲ୍ ଅନ୍ ଏଭ୍ରି ଆର୍ମି'ର କନସେପ୍ଟ ଦେଇଥିଲେ, ଯାହାର ଅର୍ଥ ହେଉଛି ପ୍ରତ୍ୟେକ ସୈନିକଙ୍କୁ ଡ୍ରୋନ୍ କ୍ଷମତା ସମ୍ପନ୍ନ କରାଯିବ ।

# ଟ୍ରମ୍ପ ହେବେ କ୍ଷମତାଚ୍ୟୁତ !

**ନୂଆଦିଲ୍ଲୀ,୮।୧(ଏଜେନ୍ସି):**ଇରାନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଦ୍ରୋହ କରି କ୍ଷମତା ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛନ୍ତି ।ତେବେ ଏବେ ନିଜ ଦେଶ ଆମେରିକାରେ ସେ ବିରୋଧର ସମ୍ମୁଖୀନ ହେଉଛନ୍ତି । ଏନେଇ ଟ୍ରମ୍ପଙ୍କ ଚିନ୍ତା ବଢିବାରେ ଲାଗିଛି । ମିନେସୋଟାର ମିନିଆପୋଲିସରେ ଏକ ଅପରେସନ୍ ସମୟରେ ଇମିଗ୍ରେସନ ଏବଂ କଷ୍ଟମ୍ସ ପ୍ରବର୍ତ୍ତନ (ICE) ଅଧିକାରୀ ଗୁଳି ଚଳାଇବାରୁ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିଲା । ମହିଳା ଜଣଙ୍କ ରେନି ଗୁଡ୍ ବୋଲି ଚିହ୍ନଟ କରାଯାଇଥିଲା । ଫେଡେରାଲ୍ ଅଧିକାରୀମାନେ କହିଥିଲେ ଯେ, ମହିଳା ଜଣକ ଅଧିକାରୀଙ୍କ ଉପରରେ ଗାଡ଼ି ଚାଇବାକୁ ଚେଷ୍ଟା କରିଥିଲେ । ସହରର ମେୟର ଏହି କାର୍ଯ୍ୟକୁ ନିନ୍ଦାଜନକ ବୋଲି କହିଥିଲେ । ଏହି ଘଟଣା ପରେ, ଘଟଣାସ୍ଥଳରେ ଏକ ବଡ଼ ଭିଡ଼ ଜମା ହୋଇ ସ୍ଥାନୀୟ ଏବଂ ସଂଘୀୟ ଅଧିକାରୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ ।ପ୍ରତିବାଦକାରୀମାନେ ଲଜ୍ଜା କର ଏବଂ ମିନେସୋଟାରୁ ICE ବାହାର କର ଭଳି ସ୍ଲୋଗାନ ଦେଇଥିଲେ ଏବଂ ପ୍ରତିବାଦରେ ସିଟି ବଜାଇଥିଲେ । ମିନିଆପୋଲିସ୍ ମେୟର ଜାକବ୍ ଫ୍ରେ କହିଥିଲେ ଯେ, ଇମିଗ୍ରେସନ୍ ଏଜେଣ୍ଟମାନେ ସହରରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ଏବଂ ସୋସିଆଲ ମିଡିଆରେ ଲେଖିଥିଲେ ଯେ, ICE ତୁରନ୍ତ ସହର ଏବଂ ରାଜ୍ୟ ଛାଡିବା ଉଚିତ । ସେ ପ୍ରବାସୀ ଏବଂ ଶରଣାର୍ଥୀ ଗୋଷ୍ଠୀ ସହିତ ଛିଡା ହୋଇଛନ୍ତି ବୋଲି କହିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣା ସମ୍ପର୍କରେ ଏକ ବିବୃତି ଜାରି କରି ଘଟଣା ପାଇଁ ମହିଳାଙ୍କୁ ଦାୟୀ କରିଥିଲେ । ଟ୍ରମ୍ପ ସୋସିଆଲ ମିଡିଆରେ କହିଥିଲେ ଯେ, ସେ ମିନେସୋଟାର ମିନିଆପୋଲିସରେ ଘଟିଥିବା ଘଟଣାର ଭିଡିଓ ଦେଖିଛନ୍ତି । ଏହା ଅତ୍ୟନ୍ତ ଭୟଙ୍କର । ଟ୍ରମ୍ପ କହିଥିଲେ, ଚିତ୍କାର କରୁଥିବା ମହିଳା ସ୍ପଷ୍ଟ ଭାବରେ ଉତ୍ତେଜନା ସୃଷ୍ଟିକାରୀ ଥିଲେ । ଗାଡି ଚଳାଉଥିବା ମହିଳା ଅବ୍ୟବସ୍ଥିତ ଥିଲେ ଏବଂ ଅଧିକାରୀମାନଙ୍କୁ ବାଧା ଦେଉଥିଲେ । ମହିଳା ଜଣକ ଉଦ୍ଦେଶ୍ୟମୂଳକ ଭାବରେ ICE ଅଧିକାରୀଙ୍କ ଉପରେ ଗାଡ଼ିଚାଇବାକୁ ଚେଷ୍ଟା କରିଥିଲେ । ଯାହା ଫଳରେ ଅଧିକାରୀ ଆତ୍ମରକ୍ଷା ପାଇଁ ଗୁଳି ଚଳାଇଥିଲେ । ଦେଶର ଅନେକ ଅଞ୍ଚଳରେ ଏନେଇ ପ୍ରତିବାଦ ପ୍ରଦର୍ଶନ ଜାରି ରହିଛି । ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇ ଟ୍ରମ୍ପ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଉଛନ୍ତି ଏବଂ ଆମେରିକୀୟ ପତାକା ଜାଳିଦେଉଛନ୍ତି ।

# ଫରେନ୍ ଏଜେଣ୍ଟ୍ସ ରେଜିଷ୍ଟ୍ରେସନ ଆକ୍ଟର ବଡ଼ ଦାବି
# ଅପରେସନ 'ସିନ୍ଦୂର' ବନ୍ଦ ପାଇଁ ୬୦ ଥର ଗୁହାରି କରିଥିଲା ପାକିସ୍ତାନ

**ନୂଆଦିଲ୍ଲୀ,୮।୧(ଏଜେନ୍ସି):**ଘନଘନ ମିସାଇଲ୍ ମାଡ଼ । ମଝି ଆକାଶରେ ଯୁଦ୍ଧ ବିମାନର ଗର୍ଜନ । ଇସଲାମାବାଦ ଆକାଶରୁ ନିଆଁ ବର୍ଷା । ତାଣ୍ଡବ ରଚିଥିଲା ବ୍ରହ୍ମୋସ ସୁପର ସୋନିକ୍ କ୍ଷେପଣାସ୍ତ୍ର । ଭାରତୀୟ ସେନାର ଅପରେସନ ସିନ୍ଦୂରରେ ଥରହର ହୋଇଥିଲା ପାକିସ୍ତାନ । ବାହାପିଆ ପାକ୍ ନେତା ସବୁ ଜୀବନ ବଞ୍ଚାଇବାକୁ ବଙ୍କର ଖୋଜି ଥିଲେ । ରାଷ୍ଟ୍ରପତିଙ୍କ ଠାରୁ ପାକିସ୍ତାନ ସେନା ମୁଖ୍ୟ ଆସିମ୍ ମୁନିରଙ୍କ ପର୍ଯ୍ୟନ୍ତ ଭୟରେ ଲୁଚିଥିଲେ । ଆଉ ତୁରନ୍ତ ଯୁଦ୍ଧ ବନ୍ଦ ପାଇଁ ଆମେରିକା ପାଖରେ ଗୁହାରି କରିଥିଲା ପାକିସ୍ତାନ । କୂଟନୀତିଜ୍ଞଙ୍କ ଜରିଆରେ ଭାରତ ଉପରେ ଚାପ ପକାଇବା ଚେଷ୍ଟା କରିଥିଲା । ଆମେରିକାର ଶୀର୍ଷ ପ୍ରଶାସନିକ ଅଧିକାରୀ, ସାଂସଦ, ପେଣ୍ଟାଗନ୍ ଏବଂ ବିଦେଶ ବିଭାଗର ସଚିବଙ୍କ ଆଗରେ ପ୍ରାୟ ୬୦ ଥର ଗୁହାରି ଲଗାଇଥିଲା କାଙ୍ଗାଳସ୍ତାନ । ଏଭଳି କିଛି ଦାବି ଆମେରିକାର ଫରେନ୍ ଏଜେଣ୍ଟ୍ସ ରେଜିଷ୍ଟ୍ରେସନ ଆକ୍ଟର ରିପୋର୍ଟରେ ସାର୍ବଜନୀନ ହୋଇଛି । ଏଫ୍‌ଏଆରଏ ଅନୁସାରେ, ଆମେରିକାର ଆଇନ ବିଭାଗରେ ଦାଖଲ ଦସ୍ତାବିଜରୁ ଜଣାପଡୁଛି ଯେ ପାକିସ୍ତାନୀ କୂଟନୀତିଜ୍ଞମାନେ ଇମେଲ୍, ଫୋନ୍ କଲ୍, ୱାନ-ଟୁ-ୱାନ୍ ମିଟିଂ କରି ଅପରେସନ ସିନ୍ଦୂର ଆରମ୍ଭ ହେବାଠାରୁ ଯୁଦ୍ଧବିରତି ପର୍ଯ୍ୟନ୍ତ ଆଲୋଚନା ଜାରି ରଖିଥିଲେ । ଆମେରିକା ଦ୍ୱାରା ଭାରତ ଉପରେ କୌଣସି ପ୍ରକାରେ ଚାପ ପକାଇ ଯୁଦ୍ଧ ବନ୍ଦ ପାଇଁ ପ୍ରୟାସ କରିଥିଲା । ଟ୍ରମ୍ପ ପ୍ରଶାସନ ପର୍ଯ୍ୟନ୍ତ ତ୍ୱରିତ ଭାବେ ପହଞ୍ଚିବା, ବ୍ୟବସାୟ ଏବଂ କୂଟନୈତିକ ନିଷ୍ପତ୍ତିକୁ ପ୍ରଭାବିତ କରିବା ଲାଗି ଲବିଂ ଫାର୍ମ ଉପରେ ପାକିସ୍ତାନ ପ୍ରାୟ ୪୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଆମେରିକୀୟ ଲବିଂ ଫାର୍ମ ରିପୋର୍ଟରେ କହିଛି ଯେ, ଭାରତୀୟ ଦୂତାବାସ ମଧ୍ୟ ଆମେରିକା ସରକାର ଏବଂ ଅଧିକାରୀଙ୍କ ସହ ସମ୍ପର୍କ ବଢାଇବା ଲାଗି ଫାର୍ମର ସେବା ନେଇଥିଲେ । ଟ୍ରମ୍ପ ପ୍ରଶାସନ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ଏହି ଫାର୍ମ ଭାରତୀୟ ଦୂତାବାସକୁ ସହାୟତା କରିଥିଲା । ଏଫ୍‌ଏଆଇଆର ଦିଆଯାଇଥିବା ତଥ୍ୟ ଅନୁସାରେ, ମେ' ୧୦ରେ ଏହି ଫାର୍ମ ଭାରତୀୟ ଦୂତାବାସ ପକ୍ଷରୁ ହ୍ୱାଇଟ୍ ହାଉସରେ ଚିଫ୍ ଅଫ୍ ଷ୍ଟାଫ୍ ସୁସି ୱାଇଲ୍ସ, ଆମେରିକୀୟ ଟ୍ରେଡ୍ ରିପ୍ରେଜେଣ୍ଟେଟିଭ ଜେମିସନ ଗ୍ରୀର ଏବଂ ନ୍ୟାସନାଲ ସିକ୍ୟୁରିଟି କାଉନ୍ସିଲର ରିକି ଗିଲ୍‌ଙ୍କ ସହ ଆଲୋଚନାରେ ସହାଯ୍ୟ କରିଥିଲେ । ରିପୋର୍ଟ ଅନୁସାରେ, ଏହି ସମସ୍ତ ପ୍ରୟାସର ମୂଳ ଲକ୍ଷ୍ୟ ଥିଲା ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧ ରୋକିବା ପାଇଁ ହସ୍ତକ୍ଷେପ କରିବା । ଏହାଛଡ଼ା ପାକିସ୍ତାନର ଡିଜିଏମଓ ମେଜର ଜେନେରାଲ୍ କାଶିଫ ଅବ୍ଦୁଲ୍ଲା ଭାରତୀୟ ସେନାର ଡିଜିଏମଓ ଲେଫ୍ଟେନାଣ୍ଟ ଜେନେରାଲ୍ ରାଜୀବ ଘାଇଙ୍କ ସହ ଯୋଗାଯୋଗ କରିଥିଲେ । ଯୁଦ୍ଧକୁ ତୁରନ୍ତ ବନ୍ଦ କରିବାକୁ ପାଇଁ ୬୦ ଥର ଗୁହାରି କରିଥିବା ପାକିସ୍ତାନ ।

# 'ଯେଉଁ ମାନେ ଭୟ କରନ୍ତି, ସେମାନଙ୍କୁ କୁକୁର କାମୁଡନ୍ତି'

**ନୂଆଦିଲ୍ଲୀ,୮।୧(ଏଜେନ୍ସି):**ବୁଲା କୁକୁର ମାନେ ସେମାନଙ୍କୁ ଆକ୍ରମଣ କରନ୍ତି, ଯେଉଁ ମାନେ ତାଙ୍କୁ ଭୟ କରନ୍ତି । ଆଜି (ଗୁରୁବାର) ବୁଲା କୁକୁର ସମ୍ପର୍କିତ ଏକ ମାମଲାର ଶୁଣାଣି ସମୟରେ ଏଭଳି କିଛି କହିଛନ୍ତି ସୁପ୍ରିମକୋର୍ଟ । ବିଚାରପତି କହିଛନ୍ତି ଯେ, ସେ ବ୍ୟକ୍ତିଗତ ଅଭିଜ୍ଞତାରୁ ଏହା କହୁଛନ୍ତି । ତେବେ ଶୁଣାଣି ସମୟରେ କୋର୍ଟରେ ଉପସ୍ଥିତ ଥିବା କୁକୁର ପ୍ରେମୀ ମାନେ ଏହା ଶୁଣି ସହମତିରେ ମୁଣ୍ଡ ହଲାଇଥିଲେ । ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରୁଛନ୍ତି । କୋର୍ଟ କୁକୁର ପ୍ରେମୀ ଏବଂ ନିର୍ଦ୍ଦେଶର କଠୋର ଅନୁପାଳନ ଦାବି କରୁଥିବା ଲୋକଙ୍କ ଦ୍ୱାରା ଦାଖଲ କରାଯାଇଥିବା ପୂର୍ବ ନିର୍ଦ୍ଦେଶରେ ସଂଶୋଧନ ପାଇଁ ଆବେଦନ ଗୁଡ଼ିକର ଶୁଣାଣି କରୁଛନ୍ତି । କୋର୍ଟ କହିଛନ୍ତି, କୁକୁର ମାନେ ସର୍ବଦା ସେମାନଙ୍କୁ ଚିହ୍ନିଥାନ୍ତି, ଯେଉଁମାନେ ତାଙ୍କୁ ଭୟ କରନ୍ତି । ଆଉ ଯେତେବେଳେ କୁକୁର ମଣିଷ ବିଷୟରେ ଏପରି ଅନୁଭବ କରେ, ସେତେବେଳେ କୁକୁର ପ୍ରଥମେ ସେମାନଙ୍କୁ ଆକ୍ରମଣ କରେ । ଆମେ ବ୍ୟକ୍ତିଗତ ଅଭିଜ୍ଞତାରୁ ଏହା କହୁଛୁ। ଏହା ଶୁଣି କୁକୁର ପ୍ରେମୀ ମାନେ ମୁଣ୍ଡ ହଲାଇଥିଲେ, ଖଣ୍ଡପୀଠ ସେମାନଙ୍କୁ ମୁଣ୍ଡ ନହଲାଇବା କହିଥିଲେ । ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ, ଯଦି କୁକୁର ମାନେ ଆପଣଙ୍କୁ ଭୟ କରୁଥିବା ଭାବରେ ଦେଖନ୍ତି, ତେବେ ସେମାନେ ଆକ୍ରମଣ କରିବାର ସମ୍ଭାବନା ଅଧିକ । ଆପଣଙ୍କ ପୋଷା କୁକୁର ମଧ୍ୟ ଏହା କରିପାରିବେ । କୋର୍ଟ ଏହି ମନ୍ତବ୍ୟ ଜଣେ ଓକିଲଙ୍କ କହିବା ପରେ ଦେଇଥିଲେ ଯେ, ଥରେ କୁକୁର କାମୁଡ଼ି ଦେଲା ପରେ ତାକୁ ବାହାରେ ଛାଡିବା ଉଚିତ ନୁହେଁ । କୋର୍ଟ କହିଥିଲେ ଯେ, ଯେ ଜଡଇ ହେଲ୍ପଲାଇନ୍ କୁ କୁକୁର କାମୁଡ଼ାର ୨୦ ହଜାର ଅଭିଯୋଗ ମିଳିଛି । ସେ କହିଥିଲେ ଯେ, ପୋଷା କୁକୁର ଏବଂ ବୁଲା କୁକୁର ମଧ୍ୟରେ ପାର୍ଥକ୍ୟ ବୁଝିବା ଆବଶ୍ୟକ । ବୁଲା କୁକୁର ମାନଙ୍କୁ ପୋଷା କୁକୁର ଭାବରେ ରଖାଯାଇପାରିବ, କିନ୍ତୁ ଏହା କୁକୁର ପ୍ରେମୀଙ୍କ ପାଇଁ ଏକ ସମସ୍ୟା । ସେ କହିଥିଲେ ଯେ ମୁଖ୍ୟ ସମସ୍ୟା ହେଉଛି କୁକୁର ମାନେ ସେମାନଙ୍କ ଅଞ୍ଚଳ ପ୍ରତି ବହୁତ ସମ୍ବେଦନଶୀଳ ଏବଂ ପ୍ରତି ୨ଶହ-୩ଶହ ମିଟରରେ ସେମାନଙ୍କର ଅଞ୍ଚଳ ପରିବର୍ତ୍ତନ ହୁଏ ।

# ଭାରତୀୟଙ୍କ ଭିସା ରଦ୍ଦ କଲା ବାଂଲାଦେଶ

**ନୂଆଦିଲ୍ଲୀ,୮।୧(ଏଜେନ୍ସି):** ଆଇପିଏଲରୁ ଖେଳାଳିମାନଙ୍କୁ ବାଦ ଦେବା ପାଇଁ ବିସିସିଆଇର ନିଷ୍ପତ୍ତି ପ୍ରତିବାଦରେ ବାଂଲାଦେଶ ଭାରତକୁ ଏକ ବଡ଼ ଝଟକା ଦେଇଛି । ବାଂଲାଦେଶ ଭାରତୀୟଙ୍କ ପାଇଁ ସମସ୍ତ ଭିସା ସେବାକୁ ରଦ୍ଦ କରିଛି, କିନ୍ତୁ ଛାତ୍ର ଏବଂ ବ୍ୟବସାୟିକ ଭିସା ସେବା ଜାରି ରହିଛି ।ବାଂଲାଦେଶ ସରକାର ଦିଲ୍ଲୀ, ଅଗରତାଲା, ମୁମ୍ବାଇ, ଗୌହାଟି ଏବଂ ଚେନ୍ନାଇରେ ଥିବା ନିଜର ଦୂତାବାସ ଏବଂ କନସୁଲେଟକୁ ସାଧାରଣ ଭିସା ସେବାକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିଷ୍ପତ୍ତିକୁ ଦୁଇ ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନାର ପ୍ରତିଫଳନ ଭାବରେ ଦେଖାଯାଉଛି । ବାଂଲାଦେଶ ପୂର୍ବରୁ ଭାରତ ନିଜର ଭିସା ସେବାକୁ ସ୍ଥଗିତ ରଖିଥିଲା, ଯାହା ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ସ୍ଥଗିତ ରହିବ ବୋଲି ଭାରତ ସରକାର କହିଥିଲେ । ଶେଖ୍ ହାସିନା ବିରୋଧୀ ଓସମାନ ହାଦିଙ୍କ ହତ୍ୟା ପରେ ବାଂଲାଦେଶରେ ହିଂସା ଏବଂ ଉତ୍ତେଜନା ଦେଖାଦେଇଥିଲା । ପ୍ରଦର୍ଶନକାରୀମାନେ ଭାରତ ବିରୋଧୀ ସ୍ଲୋଗାନ ଦେବା କାର୍ଯ୍ୟକଳାପରେ ଲିପ୍ତ ରହିବା ଆରମ୍ଭ କରିଥିଲେ। ପ୍ରଦର୍ଶନକାରୀମାନେ ଭାରତୀୟ ଦୂତାବାସ ଏବଂ ହାଇକମିସନ କାର୍ଯ୍ୟାଳୟ ଉପରେ ମଧ୍ୟ ଆକ୍ରମଣ କରିଥିଲେ । ଯାହା ଫଳରେ ଭାରତ ଚିଟାଗଙ୍ଗରେ ଥିବା ଭାରତୀୟ ଭିସା ଆବେଦନ କେନ୍ଦ୍ର (IVAC) ବନ୍ଦ କରିଦେଇଥିଲା । ଏହା ସହ ଭିସା ସେବାକୁ ସ୍ଥଗିତ କରିଥିଲା । ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେଉଛି । ୧୮ ଦିନରେ ଛଅ ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଛି । ଏହାର ପ୍ରତିବାଦରେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ବାଂଲାଦେଶୀ ବୋଲର ମୁସ୍ତାଫିଜୁର ରହମାନଙ୍କୁ କୋଲକାତା ନାଇଟ୍ ରାଇଡର୍ସରୁ ବାହାର କରିଦେଇଛି । ପ୍ରତିବାଦ ସ୍ୱରୂପ, ବାଂଲାଦେଶ ଭାରତକୁ ଭିସା ସେବା ସ୍ଥଗିତ କରିଛି ଏବଂ T-20 ବିଶ୍ୱକପ୍ ଖେଳିବା ପାଇଁ ଭାରତ ଯାତ୍ରା କରିବାକୁ ମନା କରିଛି । ଯଦିଓ BCCI ବାଂଲାଦେଶର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି, ତଥାପି ବାଂଲାଦେଶ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ରହିଛି। ଶେଖ୍ ହାସିନାଙ୍କ ସରକାରଙ୍କର ପତନ ପରଠାରୁ ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଯାଇଛି । ବାଂଲାଦେଶରୁ ପଳାୟନ କରିଥିବା ଶେଖ୍ ହାସିନାଙ୍କୁ ଭାରତ ଶରଣ ଦେଇଛି। ବାଂଲାଦେଶ ଏହାର ପ୍ରତିବାଦ କରି ତାଙ୍କର ପ୍ରତ୍ୟର୍ପଣ ପାଇଁ ଆବେଦନ କରିଛି ।

# ମଧ୍ୟପ୍ରାଚ୍ୟରେ ଉତ୍ତେଜନା, ଯୁଦ୍ଧ ମୁହାଁ ସାଉଦି ଆରବ-ୟୁଏଇ !

**ରିୟାଦ / ଆବୁଧାବି,୮।୧(ଏଜେନ୍ସି):** ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ସମ୍ପର୍କ ସମ୍ପ୍ରତି ତିକ୍ତ ହେବାରେ ଲାଗିଛି । ସାଉଦି ଆରବ ଗୁରୁବାର ୟୁଏଇ ଉପରେ ୟେମେନି ବିଚ୍ଛିନ୍ନତାବାଦୀ ନେତା ଏବଂ ଦକ୍ଷିଣ ଟ୍ରାନ୍ଜିସନାଲ କାଉନସିଲ (ଏସଟିସି)ର ମୁଖ୍ୟ ଆଇଦାରସ ଅଲ-ଜୁବୈଦିଙ୍କୁ ୟେମେନରୁ ବହିଷ୍କାର କରି ଆବୁଧାବି ପଠାଇଥିବା ଅଭିଯୋଗ କରିଛି । ଅଲ-ଜୁବୈଦିଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ହୋଇଛି । ଏହି ଅଭିଯୋଗ ଉପରେ ୟୁଏଇ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ସାଉଦି ଆରବର ଏକ ସାମରିକ ବିବୃତ୍ତିରେ କୁହାଯାଇଛି ଯେ, ଅଲ-ଜୁବୈଦି ଡଙ୍ଗା ଯୋଗେ ୟେମେନରୁ ସୋମାଲିଆ ପଳାଇଥିଲେ। ଏହା ପରେ ୟୁଏଇ ଅଧିକାରୀମାନେ ତାଙ୍କୁ ଏମିରେଟର ରାଜଧାନୀ ଆବୁଧାବିରେ ପହଞ୍ଚିବାରେ ସାହାଯ୍ୟ କରିଥିଲେ । ସାଉଦି ମିଳିତ ମେଣ୍ଟର ମୁଖପାତ୍ର ମେଜର ଜେନେରାଲ ତୁର୍କି ମଧ୍ୟ ଅଲ-ଜୁବୈଦିଙ୍କୁ ଖସିଯିବାରେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ନାମ କହିଥିଲେ । ସେହି ବ୍ୟକ୍ତିଙ୍କୁ ୟୁଏଇର ଜଣେ ମେଜର ଜେନେରାଲ ଭାବରେ ଚିହ୍ନଟ କରାଯାଇଥିଲା । ସାଉଦି ଆରବ ସେନା ନିଜର ବିବୃତିରେ ଏହା ମଧ୍ୟ ଉଲ୍ଲେଖ କରିଛି ଯେ, ଏହି ଅପରେସନରେ ଇଲିୟୁସିନ୍ ଇଲ୍-୭୬ ବିମାନ ବ୍ୟବହାର କରାଯାଇଥିଲା । ଏହି ବିମାନକୁ ପୂର୍ବରୁ ଇଥିଓପିଆ, ଲିବ୍ୟା ଏବଂ ସୋମାଲିଆ ଭଳି ସଂଘର୍ଷ ଅଞ୍ଚଳରେ ନିୟୋଜିତ କରାଯାଇଥିଲା। ସାଉଦି ଗଣମାଧ୍ୟମ ଏହି ବିବୃତିକୁ ପ୍ରମୁଖ ଖବର ଭାବରେ ପ୍ରକାଶ କରିଥିଲା । ସାଉଦି ମାଲିକାନାରେ ଥିବା ସାଟେଲାଇଟ୍ ଚ୍ୟାନେଲ୍ ଅଲ୍ ଆରବିଆ ଅଲ୍-ଜୁବୈଦିଙ୍କ ପଳାୟନର ଇଣ୍ଟରସେପ୍ଟ କରାଯାଇଥିବା ଟେଲିଫୋନ୍ କଲ୍‌ଗୁଡ଼ିକୁ ପ୍ରସାରିତ କରିଛି। ଇଂରାଜୀ ଖବରକାଗଜ ଆରବ ନ୍ୟୁଜର ପ୍ରଥମ ପୃଷ୍ଠାରେ ଫଟୋ ସହିତ ୱାଣ୍ଟେଡ୍ ଶୀର୍ଷକ ଖବର ପ୍ରକାଶିତ ହୋଇଛି। ସରକାରୀ ସମ୍ବାଦପତ୍ର କହିଛି ଯେ, ବିଚ୍ଛିନ୍ନତାବାଦୀ ନେତା ଦେଶକୁ ଫେରିବାକୁ ମନା କରିବା ତାଙ୍କୁ ଜଣେ ବିଶ୍ୱାସଘାତକ ଭାବରେ ପ୍ରମାଣିତ କରିଛି । ଏହା ମଧ୍ୟ ଅଭିଯୋଗ କରାଯାଇଛି ଯେ, ଅଲ-ଜୁବୈଦି, ବିଦେଶୀ ଶକ୍ତି ସହିତ ମିଳିତ ହୋଇ, ନିଜର ସ୍ୱାର୍ଥ ପାଇଁ ଦକ୍ଷିଣ ବିଚ୍ଛିନ୍ନତାକୁ ବଳପୂର୍ବକ ଲାଗୁ କରିବାକୁ ଚେଷ୍ଟା କରିଥିଲେ । ତାଙ୍କର ମୁଖ୍ୟ ଲକ୍ଷ୍ୟ କ୍ଷମତା ହାସଲ କରି ବାରଥିଲା ବୋଲି ଖବର କାଗଜ କହିଛି ।



## ରାଉରକେଲା ଇସ୍ପାତ କାରଖାନାର ବିତ୍ତ ଓ ଲେଖା ବିଭାଗରେ 'ସେଲ୍ ସାବାସ' ପୁରସ୍କାର ପ୍ରଦାନ



**ରାଉରକେଲା, ୮।୧ (ନି.ପ୍ର):** ଜାନୁଆରୀ ୫ ତାରିଖରେ ଇଡି ଏଫ୍ ଆଣ୍ଡ ଏ କାର୍ଯ୍ୟାଳୟର ଚିନ୍ତନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବିତ୍ତ ଓ ଲେଖା ବିଭାଗର ୯ ଜଣ କର୍ମିଙ୍କୁ ସେମାନଙ୍କର ଅଭିନବ ପ୍ରୟାସ ପାଇଁ 'ସେଲ୍ ସାବାସ' ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଆରଏସପି ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଶ୍ରୀ ରାଜେଶ ଦାସଗୁପ୍ତା କାର୍ଯ୍ୟକ୍ରମରେ ଅଧକ୍ଷତା କରି ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ଦାସଗୁପ୍ତା ବିଭାଗୀୟ ଦକ୍ଷତା ବୃଦ୍ଧି ପାଇଁ ସେମାନଙ୍କର ପ୍ରତିବଦ୍ଧତା, ନବସୃଜନ ଏବଂ ଅବଦାନକୁ ପ୍ରଶଂସା କରିଥିଲେ ଏବଂ ଅନ୍ୟମାନଙ୍କୁ ସେମାନଙ୍କ ପ୍ରୟାସକୁ ଅନୁକରଣ କରିବାକୁ ଉତ୍ସାହିତ କରିଥିଲେ।ସେଲ୍ ଶାବାସ ଯୋଜନାର ବର୍ଗ-୨ ଅଧୀନରେ ଡେପୁଟି ମ୍ୟାନେଜର ସୁଶ୍ରୀ ସୁସ୍ମିତ କୌର, ସେକ୍ସନ ଅଫିସର ଶ୍ରୀ ଅମିନ ତାଣ୍ଡି, ଏବଂ ପ୍ରଶାସନିକ ସହଯୋଗୀ ଶ୍ରୀ କରୁଣାକର ରାୟଙ୍କୁ ପୁରସ୍କାର ଲାଭ କରିଥିଲେ। ସେଲ୍ ଶାବାସ ପୁରସ୍କାର ଯୋଜନାର ବର୍ଗ-୧ ଅଧୀନରେ ସିନିୟର ମ୍ୟାନେଜର ଶ୍ରୀ ଡି.କେ. ମହାନ୍ତି, ସେକ୍ସନ ଅଫିସର ଶ୍ରୀ ପି.କେ. ପରିଡା, ସେକ୍ସନ ସହଯୋଗୀ ଶ୍ରୀ ଟି.କେ. ପସାୟତ, ପ୍ରଶାସନିକ ସହଯୋଗୀ ଶ୍ରୀ ପି.ପି. ବେହେରା, ଶ୍ରୀ ସନ୍ୟାସୀ ତାଣ୍ଡିଆ। ଏବଂ ସୁଶ୍ରୀ ଅନିମା ଆଚାର୍ଯ୍ୟଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଓଡିଶାରେ ଆୟୋଜିତ ହେବ ପୂର୍ବ ଭାରତର ସର୍ବବୃହତ କ୍ଲିନଟେକ ଏକ୍ସପୋ

**ଭୁବନେଶ୍ୱର, ୮।୧ (ନି.ପ୍ର) :** ଏକ ସ୍ୱଚ୍ଛ ଓ ଅଧିକ ସ୍ଥିର ଭବିଷ୍ୟତ ପାଇଁ ଏକ ସାହସିକ ଦୃଷ୍ଟିକୋଣ ସହିତ ଓଡିଶା ୨୦୩୬ ସୁଦ୍ଧା ଭାରତର ପରବର୍ତୀ ସବୁଜ ଶକ୍ତି କେନ୍ଦ୍ରରେ ପରିଣତ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶାର ଶକ୍ତି ଯୋଗାଣ ଶୃଙ୍ଖଳାକୁ ସୁଦୃଢ କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତା ସମ୍ପର୍କରେ ଘୋଷଣା କରିଛନ୍ତି। ବିଶ୍ୱର ସବୁଜ ଶକ୍ତି ମାନଚିତ୍ରରେ ଓଡିଶାକୁ ସ୍ଥାନିତ କରିବାର ପ୍ରୟାସରେ ଭୁବନେଶ୍ୱରରେ ଆସନ୍ତା ଫେବୃଆରୀ ୨୦ ଓ ୨୧ ତାରିଖରେ ସ୍ୱଚ୍ଛ ଶକ୍ତି ଓ ସ୍ଥାୟୀ ଯାତାୟତ ଉପରେ ପୂର୍ବ ଭାରତର ସର୍ବବୃହତ ପ୍ରଦର୍ଶନୀ ଗ୍ଲୋବାଲ କ୍ଲିନଟେକ ଏକ୍ସପୋ-ଓଡିଶା ଆୟୋଜିତ ହେବ। ଏହା ପୂର୍ବ ଭାରତର ପ୍ରଥମ ଧରଣର ସର୍ବବୃହତ ପ୍ରଦର୍ଶନୀ ଅଟେ ଯେଉଁଠାରେ ଅଷ୍ଟ୍ରେଲିଆ, ଜର୍ମାନୀ, ଫ୍ରାନ୍ସ, ୟୁଏସଏ ଭଳି ୨୦ରୁ ଅଧିକ ଦେଶର ୨୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିବେ।

ଏସମ୍ପର୍କରେ ଗ୍ଲୋବାଲ କ୍ଲିନଟେକ ଏକ୍ସପୋ-ଓଡିଶାର ମୁଖ୍ୟ ପରାମର୍ଶଦାତା ଏବଂ ନେଟ୍‌ଜିରୋ ଏନର୍ଜି ଟ୍ରାଂଶନ ଆସୋସିଏଶନନ (ନେଟ୍ରା)ର କାର୍ଯ୍ୟକାରୀ ନିର୍ଦ୍ଦେଶକ, ଶ୍ରୀଯୁକ୍ତ ଦେବୀ ପ୍ରସାଦ ଦାଶ କହିଛନ୍ତି ଯେ, 'ଏଭଳି ବୃହତ ସ୍ତରର ପ୍ରଦର୍ଶନୀଗୁଡିକ ପୂର୍ବ ଭାରତରେ ଅନୁପସ୍ଥିତ ଥିଲା। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ସ୍ୱଚ୍ଛ ଶକ୍ତି ଓ ସ୍ଥାୟୀ ଯାତାୟତ ଉପରେ ମହତ୍ୱ ଦେବା ସହିତ ଉପଭୋକ୍ତା ଓ ଆନ୍ତର୍ଜାତୀୟ କମ୍ପାନୀଗୁଡିକ ଏକ ଉଦୀୟମାନ ବଜାର ଭାବେ ପୂର୍ବ ଭାରତ ଉପରେ ବହୁମାତ୍ରାରେ ଗୁରୁତ୍ୱ ଦେଉଛନ୍ତି। ଏହି କାର୍ଯ୍ୟକ୍ରମ ନୂତନ ଉଦ୍ଭାବନ, ଉତ୍ପାଦ ଲଂଚ ଓ ବ୍ୟବସାୟ ନେଟ୍‌ୱର୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ହେବ। ଆମେ ସମ୍ମିଳନୀ, ସିଏକ୍ସଓ ରାଉଣ୍ଡଟେବୁଲ ଓ କ୍ଲିନଟେକ ଏକ୍ସିଲେନ୍ସ ଆୱାର୍ଡ ପାଇଁ ଓଡିଶା ଓ ପଡୋଶୀ ରାଜ୍ୟଗୁଡିକରୁ ୧୦,୦୦୦ରୁ ଅଧିକ ବ୍ୟବସାୟ ପରିଦର୍ଶକଙ୍କ ସହିତ ୧୦୦୦ରୁ ଅଧିକ ବ୍ୟବସାୟ ପ୍ରତିନିଧିଙ୍କ ଯୋଗଦାନର ଆଶା ରଖିଛୁ। ଏହି ଏକ୍ସପୋରେ ସରକାରୀ-ଘରୋଇ ସହଭାଗିତା, ନିବେଶ ସୁଯୋଗ ଓ ଟେକ୍ନୋଲୋଜି ପ୍ରଦର୍ଶନୀ ସାମିଲ ରହିବ।' ସେହିପରି ଓଡିଶା କ୍ଲିନଟେକ ଆସୋସିଏଶନର ଅଧକ୍ଷ ପ୍ରଶାନ୍ତ ପାଣିଗ୍ରାହୀ କହିଛନ୍ତି, 'ଓଡିଶା ନିଜକୁ ଭାରତର କ୍ଲିନ ଏନର୍ଜି ପାୱାର ହାଉସ ଭାବେ ସ୍ଥାପିତ କରୁଛି ଏବହି କାର୍ଯ୍ୟକ୍ରମ ନିକଟରେ ଲଂଚ ହୋଇଥିବା ଓଡିଶା କ୍ଲିନଟେକ ଆସୋସିଏଶନ (ଓସିଟିଏ) ଦ୍ୱାରା ସମର୍ଥିତ। ଏହି ଏକ୍ସପୋ କେବଳ ଏକ ପ୍ରଦର୍ଶନୀ ନୁହେଁ ବରଂ ଏହା ସହଭାଗିତା, ସୂଚନାର ଆଦାନପ୍ରଦାନ, ବ୍ୟବସାୟ ବିକାଶ ପାଇଁ ଏକ ପ୍ଲାଟଫର୍ମ ଅଟେ।

ଏହି ପ୍ରଦର୍ଶନୀରେ ସାତ୍ୱିକ ଗ୍ରୀନ ଏନର୍ଜି, ନଭିତାସ, ନୋଭାସିସ, ଅଷ୍ଟ୍ରେଲିଆନ ପ୍ରିମିୟମ ସୋଲାର, ଗୌତମ ସୋଲାର, ପହଲ ସୋଲାର, ଇଷ୍ଟମ୍ୟାନ, ଟ୍ରୋନଟେକ, ଗାଲୋ ଏନର୍ଜି, ଜେଡି ସୋଲାର, ଲାଟିସ ଇଣ୍ଡଷ୍ଟ୍ରିଜ, ଖେତାନ ଗ୍ରୁପ, ଟାପ୍ରୋଜି, ଡେଲଫିନ, ଆପଲ ଏନର୍ଜି, ମିଡଟ୍ରୋନିକ୍ସ, ଏମଜିଏମ ଗ୍ରୀନ ଏନର୍ଜି, ଗାୟତ୍ରୀ ସୋଲାର, ଏଏଲଏଫଏ, କେଜିଡିସି, ହ୍ୱାଇଟ ସାର୍କ ଏନର୍ଜି, ଗ୍ରସ୍‌କୀ, ଡିଓଡ ଇଭି ଆଦି ପ୍ରମୁଖ ପ୍ରଦର୍ଶନକାରୀମାନେ ସାମିଲ ହେବେ। ଓଡିଶାର କ୍ଲିନଟେକ ଇକୋସିଷ୍ଟମ କ୍ଷେତ୍ରର ପ୍ରମୁଖ ହିତାଧିକାରୀଙ୍କ ଦ୍ୱାରା ଆୟୋଜିତ ଏହି ଏକ୍ସପୋରେ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ, ଇଭି ଓ ଚାର୍ଜିଂ ଇନ୍‌ଫ୍ରାଷ୍ଟ୍ରକ୍ଚର, ସୋଲାର, ଗ୍ରୀନ ହାଇଡ୍ରୋଜେନ, ସ୍ମାର୍ଟ ଗ୍ରିଡ ଓ ଏକାଡେମିକ ରିସର୍ଚ୍ଚ ପାଇଁ ସ୍ୱତନ୍ତ୍ର ପାଭିଲିଅନ ରହିଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମ ଓଡିଶାର ମହତ୍ୱାକାଂକ୍ଷୀ ସ୍ୱଚ୍ଛ ଶକ୍ତି ଲକ୍ଷ୍ୟକୁ ହାଇଲାଇଟ କରୁଛି ଯେଉଁଥିରେ ୧୦ଜିଡବ୍ଲ୍ୟୁ ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟ, ବ୍ୟାଟେରୀ ଷ୍ଟୋରେଜ, ଇଲେକ୍ଟ୍ରିକ ଭେଇକିଲ, ଗ୍ରୀନ ହାଇଡ୍ରୋଜେନ ଆଦି କ୍ଷେତ୍ରରେ ଅଗ୍ରଗତି ଅନ୍ତର୍ଭୁକ୍ତ ରହିଛି। ଏହି ଏକ୍ସପୋର ଅଂଶଗ୍ରହଣ ବିବରଣୀ କିମ୍ବା ମିଡିଆ ପ୍ରଶ୍ନାବଳୀ ପାଇଁ ଓଡିଶା କ୍ଲିନଟେକ ଗ୍ଲୋବାଲ ଏକ୍ସପୋ ଟିମରେ ଆୟୋଜକଙ୍କ ସହ ଯୋଗାଯୋଗ କରନ୍ତୁ।

## ଏଏଏଫ୍‌ଏସ୍‌ଏର ୪ର୍ଥ ପ୍ରତିଷ୍ଠା ଦିବସରେ ୨୪-ଘଣ୍ଟିଆ ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ

**ବ୍ୟାସନଗର (ଜାଜପୁର), ୮।୧ (ନି.ପ୍ର) :** ନିଜର ୪ର୍ଥ ପ୍ରତିଷ୍ଠା ଦିବସ ଅବସରରେ ଆର୍ଯ୍ୟଲେକ୍ସ ଫାଉଣ୍ଡେସନ୍ ଫର୍ ସୋସିଆଲ୍ ଆକ୍ଟିଭିଟିଜ୍ ପକ୍ଷରୁ (ଏଏଏଫ୍‌ଏସ୍‌ଏ) ବ୍ୟାସଦେବ ଟାଉନ୍‌ହଲ୍, ବ୍ୟାସନଗର, ଜାଜପୁରରେ ଏକ ୨୪-ଘଣ୍ଟିଆ ଆମ୍ବୁଲାନ୍ସ ସେବାର ଉଦଘାଟନ କରାଯାଇଛି। ଏହି ଆମ୍ବୁଲାନ୍ସ ସେବା ନବବିବାହିତ ସମରେନ୍ଦ୍ର ଦାସ (ପିଣ୍ଟୁ) ଓ ନେହା ମୋହାନ୍ତିଙ୍କ ଦ୍ୱାରା ସମ୍ଭବ ହୋଇଥିଲା। ସେମାନେ ବିବାହ ଉପହାର ରାଶିକୁ ସ୍ୱର୍ଗତ ସତ୍ୟାନନ୍ଦ ଦାସ, କେଜିଆଇର ପ୍ରତିଷ୍ଠାତା , ପ୍ରସିଦ୍ଧ ଶିକ୍ଷାବିତ୍ ଓ ସାମାଜିକ କର୍ମୀଙ୍କ ସ୍ମୃତିକୁ ସମର୍ପିତ ଏହି ସାମାଜିକ ସେବାରେ ଦାନ କରିଛନ୍ତି। ଏହି ଆମ୍ବୁଲାନ୍ସ ଜାଜପୁର ରୋଡ୍ ମେଡିକାଲରୁ ୨୪ ଘଣ୍ଟା ଚାଲୁ ରହିବ ଏବଂ ଉପଭୋକ୍ତା ମାନେ କେବଳ ଇନ୍ଧନ ଖର୍ଚ୍ଚ ବହନ କରିବେ। କାର୍ଯ୍ୟକ୍ରମରେ ଜାଜପୁର ଲୋକସଭା ସାଂସଦ ଶ୍ରୀ ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ଏବଂ ଆମ୍ବୁଲାନ୍ସର ଉଦ୍ଘାଟନ କରି ଏଏଏଫ୍‌ଏସ୍‌ଏର ସେବାମୂଳକ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ଓ ବ୍ୟାସନଗର ପୌରପାଳିକା ଅଧକ୍ଷ ଶ୍ରୀ ସୁବାସ ଚନ୍ଦ୍ର ବଳ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।



ଏହି ଅବସରରେ ବନିତା ସ୍ୱାଇଁଙ୍କୁ ଏଏଏଫ୍‌ଏସ୍‌ଏର କୋରେଇ ବ୍ଲକ୍ ସମନ୍ୱୟକ ଭାବେ ନିଯୁକ୍ତ କରାଯାଇଛି। ଓଡ଼ିଶା ଡ୍ରାଇଭର୍ ମହାସଂଘ (କୋରେଇ ଓ ବ୍ୟାସନଗର ଶାଖା), ସାହସୀ ଶିଶୁ ସତ୍ୟ ପ୍ରକାଶ ସେଠୀ, ପ୍ରିୟାଂଶୀ ବିସ୍ୱାଳ, ଦଶଜଣ ସମ୍ବାଦପତ୍ର ବିତରକ, ପୁରୀ ପ୍ରିୟମ୍ବଦା ଚକ୍ଷୁ ହସ୍ପିଟାଲ୍ର ମୁଖ୍ୟ ଶ୍ରୀ ସଞ୍ଜିବ କୁମାର ମିଶ୍ର, ମହାଲକ୍ଷ୍ମୀ ଯୁବକ ସଂଘ, ଶିଶୁ କଳାକାର ଆର୍.ଏନ୍. ଆୟାନ୍ସ, ପରିବେଶବିତ୍ ପ୍ରଫୁଲ୍ଲ କୁମାର ସାହୁ ଓ ଅକ୍ଷୟ କୁମାର ଜେନା, ଏବଂ ଶେଷ ପରିଚୟ ବୃଦ୍ଧାଶ୍ରମ ସହିତ ଅନେକ ବ୍ୟକ୍ତି ଓ ସଂସ୍ଥାକୁ ସମ୍ମାନିତ କରାଯାଇଥିଲା।

## ସ୍ମାର୍ଟ ଭାଇଟାଲ୍ସ ପ୍ଲାନର ଶୁଭାରମ୍ଭ କଲା ଅଭିଭା ଲାଇଫ ଇନ୍ସୁରାନ୍ସ

**ଭୁବନେଶ୍ୱର, ୮।୧ (ନି.ପ୍ର) :** ଏକ ଅଗ୍ରଣୀ ଘରୋଇ ଜୀବନ ବୀମା କମ୍ପାନୀ ଅଭିଭା ଲାଇଫ ଇନ୍ସୁରାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଣ-ସଂଯୋଜିତ, ଅଣ-ଭାଗିଦାରୀ, ସ୍ୱାସ୍ଥ୍ୟ ବୀମା ସ୍ଥାୟୀ ଲାଭ ଯୋଜନା ଅଭିଭା ସ୍ମାର୍ଟ ଭାଇଟାଲ୍ସ ପ୍ଲାନର ଶୁଭାରମ୍ଭ କରାଯାଇଛି। ଏହା ଗୁରୁତର ରୋଗ କ୍ଷେତ୍ରରେ ଗ୍ରାହକଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇଦେବ। ଏହି ବୀମା ଯୋଜନାରେ ଅତିକମରେ ୧୦ ଲକ୍ଷ ଟଙ୍କାର ସୁରକ୍ଷା ମିଳିଥାଏ। ଯଦି ବୀମାଧାରୀ ନିଜକୁ ସୁସ୍ଥ ରଖନ୍ତି, ତେବେ ମିଳୁଥିବା 'ରିୱାର୍ଡ' ସାହାଯ୍ୟରେ ସେ ନିଜର ବୀମା ରାଶିକୁ ୨୦ ଲକ୍ଷ ଟଙ୍କା (ଦୁଇ ଗୁଣ) ପର୍ଯ୍ୟନ୍ତ ବଢ଼ାଇ ପାରିବେ। ଆପଣ ଦୈନିକ କେତେ ଚାଲୁଛନ୍ତି, ତାହା ଅନୁସାରେ ପ୍ରତି ତିନି ମାସରେ ଆପଣଙ୍କୁ ୨.୫% ରୁ ୭.୫% ପର୍ଯ୍ୟନ୍ତ ବୋନସ୍ ଲାଭ ମିଳିବ

ଏହି ସ୍ମାର୍ଟ ଭାଇଟାଲ୍ସ ପ୍ଲାନ ୪୯ଟି ଯେକୌଣସି ଗୁରୁତର ଅସୁସ୍ଥତା ଓ ଚିକିତ୍ସାଗୁଡିକର ପ୍ରଥମ ନିଦାନ ଉପରେ ଏକକାଳିନ ଲାଭ ପ୍ରଦାନ କରିଥାଏ। ଏଥିରେ କ୍ୟାନ୍ସର, କିଡ୍‌ନୀ ଫେଲ ହେବା, ହୃଦରୋଗ, ମସ୍ତିଷ୍କ ଅସ୍ତ୍ରୋପଚାର, ଷ୍ଟ୍ରୋକ ଭଳି ଅସୁସ୍ଥତା ଅନ୍ତର୍ଭୁକ୍ତ ରହିଛି। ଏଥିରେ ସୁସ୍ଥତା ଲାଭଗୁଡିକୁ ଅଭିଭାର ୱେଲନେସ୍୩୬୦ ଆପ୍ ମାଧ୍ୟମରେ ଟ୍ରାକ କରାଯାଇଥାଏ ଏବଂ ବୀମାଧାରକମାନେ ନିଜର ଗତିବିଧିକୁ ତଦାରଖ କରିବା ପାଇଁ ଏକ ବିନା କୌଣସି ଅତିରିକ୍ତ ମୂଲ୍ୟରେ ଏକ ସ୍ମାର୍ଟ ଟ୍ରାକିଂ ଡିଭାଇସ (ଲୁପ୍ ବାଏ କେୟାରପ୍ଲିକ୍ସ ଦ ସ୍ମାର୍ଟ ରିଙ୍ଗ) ପାଇଥାନ୍ତି। ପାରମ୍ପରିକ ମେଡିକ୍ଲେମ ପ୍ଲାନ ବିପରୀତରେ ସ୍ମାର୍ଟ ଭାଇଟାଲ୍ସ ଏକ ସ୍ଥାୟୀ ଲାଭ ଦେଇଥାଏ ଯାହାକୁ ଚିକିତ୍ସା, ପୁନରୁଦ୍ଧରେ କିମ୍ବା ଅନ୍ୟ ଆର୍ଥିକ ଆବଶ୍ୟକତା ପାଇଁ ବ୍ୟବହାର କରାଯାଇପାରିବ। ୨୦ରୁ ୫୦ ବର୍ଷ ବୟସର ଯେକୌଣସି ବ୍ୟକ୍ତି ଏହି ବୀମା କରିପାରିବେ ଏବଂ ଏହାର ପରିପକ୍ୱତା ବୟସ ୩୦ରୁ ୬୦ ବର୍ଷ ମଧ୍ୟରେ ରହିଛି। ବୀମା ଅବଧି ୧୦/୧୫/୨୦ ବର୍ଷ ପାଇଁ ରହିଛି। ଏହି ଶୁଭାରମ୍ଭ ସମ୍ପର୍କରେ ଅଭିଭା ଇଣ୍ଡିଆର ସିଇଓ ଓ ଏମ୍‌ଡି ଅସିତ ରଥ କହିଛନ୍ତି, 'ଜୀବନଶୈଳୀ ସମ୍ପର୍କିତ ଅସୁସ୍ଥତା ବୃଦ୍ଧି ପାଉଥିବାରୁ ସକ୍ରିୟ ସୁସ୍ଥତା ସହ ଆର୍ଥିକ ପ୍ରସ୍ତୁତି ପାଇଁ ଆବଶ୍ୟକତା ବଢ଼ିଯାଇଛି। ଅଭିଭା ସ୍ମାର୍ଟ ଭାଇଟାଲ୍ସ ହେଉଛି ଏକ ଅଗ୍ରଗାମୀ ସମାଧାନ ଯାହା ସୁସ୍ଥତା-ସଂଯୋଜିତ ରିୱାର୍ଡ ସହ ବିସ୍ତୃତ ଗମ୍ଭୀର ଅସୁସ୍ଥତା କଭର ପ୍ରଦାନ କରି ଏହି ପରିବର୍ତନକୁ ସମ୍ବୋଧିତ କରୁଛି।' 'ସେହିପରି ଅଭିଭା ଇଣ୍ଡିଆର ଆପଏଂଟେଡ ଆକ୍‌ଚୁଆରୀ ଓ ପ୍ରଡକ୍ଟ ହେଡ୍ ଅଜୟ କୁମାର ତ୍ରିପାଠି କହିଛନ୍ତି, 'ଆମର ଉତ୍ପାଦ ଡିଜାଇନ ପ୍ରକ୍ରିୟା ବିକଶିତ ଗ୍ରାହକ ଆବଶ୍ୟକତା ଉପରେ ଏକ ଗଭୀର ବୁଝାମଣା ସହିତ ଆରମ୍ଭ ହୋଇଥାଏ। ଅଭିଭା ସ୍ମାର୍ଟ ଭାଇଟାଲ୍ସ ଏହି ପଦ୍ଧତିର ଫଳାଫଳ ଅଟେ ଯାହା ବିସ୍ତୃତ ଗମ୍ଭୀର ଅସୁସ୍ଥତା ସୁରକ୍ଷାକୁ ସୁସ୍ଥତା-ସଂଯୋଜିତ ରିୱାର୍ଡ ସହ ଏକତ୍ରିତ କରିଛି।' ଲଂଚକୁ ନେଇ ନିଜର ଉତ୍ସାହ ବ୍ୟକ୍ତ କରି କେୟାରପ୍ଲିକ୍ସର ପ୍ରତିଷ୍ଠାତା ସୁବ୍ରତ ପଲ୍ କହିଛନ୍ତି, 'ଅଭିଭା ସହ ଆମର ସହଭାଗିତା ପ୍ରତିଷେଧାତ୍ମକ ସ୍ୱାସ୍ଥ୍ୟକୁ ପ୍ରତ୍ୟେକ ଉପଭୋକ୍ତାଙ୍କ ପାଇଁ ପହଂଚଯୋଗ୍ୟ କରିବା କ୍ଷେତ୍ରରେ ଏକ ପରିବର୍ତନଶୀଳ ପଦକ୍ଷେପକୁ ଚିହ୍ନିତ କରୁଛି। କେୟାରପ୍ଲିକ୍ସ ରିଙ୍ଗ ସହ ଉପଭୋକ୍ତାମାନେ ଏବେ ନିରନ୍ତର, ଚିକିତ୍ସକୀୟ ଭାବେ ପ୍ରାସଙ୍ଗିକ ସୁସ୍ଥତା ତଥ୍ୟ ପାଇପାରିବେ ଯାହା ସେମାନଙ୍କୁ ବିପଦଗୁଡିକୁ ଶୀଘ୍ର ଚିହ୍ନଟ କରିବା, ସୁସ୍ଥ ଅଭ୍ୟାସ ସୃଷ୍ଟି କରିବାରେ ସାହାଯ୍ୟ କରିବ। ଆମେ ଲକ୍ଷ ଲକ୍ଷ ପରିବାରକୁ ସଶକ୍ତ କରିବା ପାଇଁ ସୁସ୍ଥତା ଓ ସୁରକ୍ଷାକୁ ଏକାଠି କରୁଥିବା ଏକ ଭବିଷ୍ୟତ ଗଠନ କରିବା କ୍ଷେତ୍ରରେ ଅଭିଭା ସହ କାର୍ଯ୍ୟ କରି ଗର୍ବିତ।

## ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍‌ମି ୧୬ ପ୍ରୋ ସିରିଜର ଶୁଭାରମ୍ଭ

**ଭୁବନେଶ୍ୱର, ୮।୧ (ନି.ପ୍ର) :** ଭାରତୀୟ ଯୁବପିଢିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲମି ପକ୍ଷରୁ ବହୁପ୍ରତିକ୍ଷୀତ ରିଅଲମି ୧୬ ପ୍ରୋ ସିରିଜର ଶୁଭାରମ୍ଭ କରାଯାଇଛି। ଯାହା ପ୍ରିମିୟମ ମିଡ୍-ରେ ସେଗମେଂଟରେ ଏକ ମାନଦଣ୍ଡ ଭାବେ ଏହାର ସ୍ଥିତିକୁ ଅଧିକ ସୁଦୃଢ କରିଛି। ଫ୍ଲାଗସିପ-ଟାୟାର ରିଅଲମି ୧୬ ପ୍ରୋ ପ୍ଲସ ଓ ପହଂଯୋଗ୍ୟ ଅଲରାଉଣ୍ଡର ରିଅଲମି ୧୬ ପ୍ରୋ ସ୍ମାର୍ଟଫୋନ ଅନ୍ତର୍ଭୁକ୍ତ ଥିବା ଏହି ସିରିଜ ପୋର୍ଟ୍ରେଟ ଇମେଜିଂ ଷ୍ଟାଣ୍ଡାର୍ଡକୁ ବୃଦ୍ଧି କରିଛି। ରିଅଲମି ୧୬ ପ୍ରୋ ପ୍ଲସ ଓ ରିଅଲମି ୧୬ ପ୍ରୋ ସମେତ ରିଅଲମି ୧୬ ପ୍ରୋ ସିରିଜ ଫ୍ଲିପକାର୍ଟ ଓ ଅଫଲାଇନ ରିଟେଲ ଷ୍ଟୋରଗୁଡିକରେ ଉପଲବ୍ଧ ହେବ। ରିଅଲ୍‌ମି ୧୬ ପ୍ରୋ+ର ମୂଲ୍ୟ ୩୯,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ରିଅଲ୍‌ମି ୧୬ ପ୍ରୋର ମୂଲ୍ୟ ୩୧,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ଉଭୟ ସ୍ମାର୍ଟଫୋନ ଏକାଧିକ ରାମ ଓ ଷ୍ଟୋରେଜ କନ୍‌ଫିଗରେଶନରେ ଉପଲବ୍ଧ ହେଉଛି।




ଉପଭୋକ୍ତାମାନେ ବ୍ୟାଙ୍କ ଲାଭ, ନୋ-କଷ୍ଟ ଇଏମଆଇ ବିକଳ୍ପ, ଏକ୍ସଚେ ବୋନସ୍ ଓ ବିଦ୍ୟମାନ ରିଅଲ୍‌ମି ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ରିୱାର୍ଡ ସମେତ ଅନ୍‌ଲାଇନ ଓ ଅଫ୍‌ଲାଇନ ଚ୍ୟାନେଲଗୁଡିକରେ ଆକର୍ଷଣୀୟ ଲଂଚ ଅଫର ପାଇପାରିବେ। ରିଅଲମି ୧୬ ପ୍ରୋ ସିରିଜ ବ୍ୟତୀତ ରିଅଲମି ବଡ଼ସ ଏୟାର ୮ ମାତ୍ର ୩୭୯୯ ଟଙ୍କା ମୂଲ୍ୟରେ ଉପଲବ୍ଧ ହେବ। ରିଅଲମି ପ୍ୟାଡ୍ ୩କୁ ବିବିଧ ଉପଭୋକ୍ତା ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକାଧିକ ଭାରିଆଂଟରେ ୨୬,୯୯୯ ଟଙ୍କା ମୂଲ୍ୟରେ ଉପଲବ୍ଧ ହେବ । ଗ୍ରାହକମାନେ ବ୍ୟାଙ୍କ ରିହାତି, ନୋ-କଷ୍ଟ ଇଏମଆଇ ବିକଳ୍ପ ଓ ନିର୍ଦ୍ଦିଷ୍ଟ ପ୍ଲାଟଫର୍ମଗୁଡିକରେ ବଣ୍ଡଲ୍‌ଡ ଅଫର ସମେତ ବିଭିନ୍ନ ଅଫରରୁ ଲାଭାନ୍ୱିତ ହୋଇପାରିବେ।

ରିଅଲ୍‌ମି ୧୬ ପ୍ରୋ ପ୍ଲସ ସେଗମେଂଟର ଏକମାତ୍ର ୨୦୦ଏମପି ଲୁମାକଲର କ୍ୟାମେରା ଓ ୩.୫ଏକ୍ସ ପେରିସ୍କୋମ ଟେଲିଫଟୋ ଲେନ୍ସ ସହିତ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି, ଯାହା ଉପଭୋକ୍ତାଙ୍କୁ 'ସ୍ନାପ ଯୋର ଭାଇବ ଆଟ୍ ଏଭ୍ରି ଜୁମ୍' ପାଇଁ ସଶକ୍ତ କରୁଛି। ଟିୟୁଭି ରେନଲ୍ୟାଣ୍ଡ ପ୍ରମାଣିତ ଏହି କ୍ୟାମେରା ଉତ୍କୃଷ୍ଟ ପୋର୍ଟ୍ରେଟ ପାଇଁ ପ୍ରାକୃତିକ ସ୍କିନ ଟୋନ, ଆକର୍ଷଣୀୟ ଡେପ୍‌ଥ ଓ ଆଟ୍‌ମୋସ୍ଫେରିକ ଲାଇଟିଂ ପ୍ରଦାନ କରୁଛି। ଏକ ଫୁଲ୍‌ଫୋକାଲ ପୋର୍ଟ୍ରେଟ ଲେନ୍ସ କିଟ (୧/୧.୫/୨/୩.୫/୪) ଓ ପ୍ରୋଡେପ୍‌ଥ ବୋକେ ଆଲ୍‌ଗୋରିଦମ ସହ ପେୟାର ହୋଇଥିବା ଏହି ସ୍ମାର୍ଟଫୋନ ସମସ୍ତ ଫୋକାଲ ଲେନ୍ଥରେ କେଶ ସ୍ତରର ବ୍ଲର, ଥ୍ରୀ-ଡାଇମେନ୍‌ସନାଲ ଡେପ୍‌ଥ ଓ ସ୍ୱଚ୍ଛ ବିବରଣୀ ହାସଲ କରିଛି। ଉଜ୍ଜ୍ୱଳ ଆଲୋକ ଓ ଉତ୍ସାହପୂର୍ଣ୍ଣ ଭିଡ ଥିବା ପାର୍ଟିଗୁଡିକ ପାଇଁ ଡିଜାଇନ କରାଯାଇଥିବା ରିଅଲମି ୧୬ ପ୍ରୋ ପ୍ଲସ ଲୋକମାନଙ୍କୁ ଆକର୍ଷଣୀୟ ଗ୍ରୁପ ସଟ୍‌ରେ ଏକତ୍ରିତ କରିଥାଏ ଏବଂ ସହଜରେ ଉଲ୍ଲେଖନୀୟ ସୋଲୋ ପୋର୍ଟ୍ରେଟ କ୍ୟାପଚର କରିଥାଏ।

ଏହାବ୍ୟତୀତ ରିଅଲମି ୧୬ ପ୍ରୋ ପ୍ଲସ ୭ଗୁଣ କ୍ଲୋଜ୍-ଅପ, ୧୦ଗୁଣ ଷ୍ଟେଚ କ୍ୟାପଚର ଓ ୧୨୦ଗୁଣ ପର୍ଯ୍ୟ' ସୁପର ଜୁମ୍ ସହିତ ୪କେ ଫୁଲ୍‌ଫୋକାଲ ଏଚଡିଆର ଭିଡିଓ (୧/୨/୩.୫/୭) ଓ ମେନଟ୍ରାକ ଆଲଗୋରିଦମକୁ ସପୋର୍ଟ କରୁଛି ଯାହା ଉପଯୁକ୍ତ ସଠିକତା ସହିତ ଗତିଶୀଳ ବସ୍ତୁଗୁଡିକୁ ଲକ୍ କରି ସୁଗମ, ପ୍ରଫେସନାଲ-ଗ୍ରେଡ ଫୁଟେଜ ଦେଇଥାଏ।

## ଧନୁଯାତ୍ରା ୨୦୨୫ରେ ଡାଲମିଆ ସିମେଣ୍ଟ ଓଡ଼ିଶାର ସାଂସ୍କୃତିକ ପରମ୍ପରାକୁ ପାଳନ କଲା

**ଭୁବନେଶ୍ୱର, ୮।୧ (ନି.ପ୍ର):** ଓଡ଼ିଶା ଏବଂ ଏହାର ଜନସମୁଦାୟଙ୍କ ସହିତ ୭୫ ବର୍ଷର ସମ୍ପର୍କକୁ ପୁନଃମଜଭୁତ କରିବାକୁ ଯାଇ ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ କମ୍ପାନୀ ଡାଲମିଆ ସିମେଣ୍ଟ, ୨୦୨୫ ଡିସେମ୍ବର ୨୪ରୁ ୨୦୨୬ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ବିଶ୍ୱର ଅନ୍ୟତମ ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ଉତ୍ସବ ବରଗଡ ଧନୁଯାତ୍ରା ୨୦୨୫ରେ ଅଂଶଗ୍ରହଣ କରିଥିଲା। ଏହି ଉତ୍ସବ ଅବସରରେ ବରଗଡ ସହର ମଥୁରା ନଗରୀରେ ରୂପା'ରିତ ହେବାସହିତ ଭଗବାନ କୃଷ୍ଣଙ୍କ ଜୀବନ ଅଧ୍ୟାୟଗୁଡିକୁ ଜୀବନ୍ତ କରି ଗଢିତୋଳିଥିଲା, ଯାହାର କେନ୍ଦ୍ରସ୍ଥଳରେ ରାଜା କଂସ ରହିଥିଲେ। ଏହି ଉତ୍ସବର ଅଂଶ ଭାବରେ ଡାଲମିଆ ସିମେଣ୍ଟ ଏକ ଚିନ୍ତନଶୀଳ ଭାବରେ ପ୍ରସ୍ତୁତ ବ୍ରାଣ୍ଡ ପାଭିଲିଅନ ସ୍ଥାପନ କରିଥିଲା, ଯାହା ଦଶଦିନ ବ୍ୟାପୀ ଯାତ୍ରା ଅବସରରେ ଏକ ମୁଖ୍ୟ ଆକର୍ଷଣ ପାଲଟିଥିଲା। ଉକ୍ତ ପାଭିଲିଅନ୍‌ରେ ଓଡ଼ିଶାରେ କମ୍ପାନୀର ପୃଷ୍ଠଭୂମି ଏବଂ ସମ୍ପର୍କ ବିଷୟ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ହୀରାକୁଦ ଡ୍ୟାମ୍, ଆଇକନିକ 'ସଟଲ୍' ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର ସହିତ ଏକକ ସର୍ବବୃହତ ସିମେଣ୍ଟ ଉତ୍ପାଦନକାରୀ ସମେତ ରାଜ୍ୟରେ ନିରନ୍ତର ପୁନିବେଶ ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା। ଏ ସମସ୍ତ ସମାବେଶୀ ବିକାଶ ଏବଂ ଭାରତ ନିର୍ମାଣ ଭାବଧାରା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଏହି ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରି କମ୍ପାନୀର ଜଣେ ମୁଖପାତ୍ର କହିଥିଲେ,



'ଧନୁଯାତ୍ରା ହେଉଛି ଓଡ଼ିଶାର ପରମ୍ପରା ଏବଂ ସାମୂହିକ ମୂଲ୍ୟବୋଧର ଏକ ଜୀବନ୍ତ ଅଭିବ୍ୟକ୍ତି। ଏହି ଉତ୍ସବ ସହିତ ଆମର ସହଯୋଗୀତା ଡାଲମିଆ ସିମେଣ୍ଟର ଏହି ବିଶ୍ୱାସକୁ ପ୍ରତିଫଳିତ କରୁଛି ଯେ ଜନ ସମୁଦାୟ, ସଂସ୍କୃତି ଏବଂ ପ୍ରଗତି ଏକତ୍ରିତ ଭାବରେ ଆଗକୁ ବଢିବାକୁ ହେବ। ୭୫ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶା ଆମ ଯାତ୍ରାରେ କେନ୍ଦ୍ରୀୟ ସ୍ଥାନ ନେଇଆସିଛି ଏବଂ ଏହି ନିୟୋଜନତା ସେହି ବନ୍ଧନକୁ ପୁନଃ ସୁଦୃଢ଼ୀକରଣ କରୁଛି। 'ଏଥିସହିତ ଏହାର ଜନ ସମୁଦାୟ- ପ୍ରଥମ ନୈତିକତା ମୁତାବକ କମ୍ପାନୀ ବହୁବିଧ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ ଜରିଆରେ ଏହାର ସମୁଦାୟ ପରିବ୍ୟବସ୍ଥା ପ୍ରତି ପ୍ରମୁଖ ଅବଦାନକାରୀଙ୍କୁ ଉକ୍ତ ମଞ୍ଚରେ ସମ୍ମାନିତ କରିଥିଲା। ଏଥିମଧ୍ୟରେ ୩୦ ଜଣ ମେଧାବୀ ସ୍କୁଲ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ, ୩୫ ଜଣ ରାଜମିସ୍ତ୍ରୀ, ଇନିୟର ଏବଂ କାରିଗରଙ୍କୁ 'ଶିଳ୍ପକାର ସମ୍ମାନ' ପ୍ରଦାନ କରାଯାଇଥିଲା। ତତ୍‌ସହିତ ସମ୍ବଲପୁର ଓ ବରଗଡ ଜିଲ୍ଲାର ଚାନେଲ ଅଂଶୀଦାରମାନଙ୍କ ସହିତ ନିଯୋଜିତ ରହିବା, ଜନ ସମୁଦାୟ ଏବଂ ଅଂଶୀଦାରଙ୍କ ସହିତ ଅର୍ଥପୂର୍ଣ୍ଣ ଟଚ୍ ପଏଣ୍ଟ ସୃଷ୍ଟି କରିବା ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଉକ୍ତ ପାଭିଲିଅନରେ ପଶ୍ଚିମ ଓଡ଼ିଶା ସହିତ ଦଶନ୍ଧି ଧରି ସହଯୋଗୀତା ତଥା ବ୍ରାଣ୍ଡ ସହିତ ଅଭିବୃଦ୍ଧି ହାସଲ କରିଥିବା ଜନସମୁଦାୟଙ୍କୁ ନେଇ ସ୍ମରଣୀୟ ମୁହୂର୍ତ୍ତ ପାଳନ କରିବାକୁ ଏକ ଲିଗାସୀ ୱାଲ ସ୍ଥାନ ପାଇଥିଲା। ସମ୍ମିଳିତ ଭାବରେ ଏହି ନିୟୋଜନତାଗୁଡିକ ଜନସାଧାରଣଙ୍କ ମଧ୍ୟରେ ଦୃଢ ଭାବପ୍ରବଣତା ସୃଷ୍ଟି କରିଥିଲା ଯାହା ପାଭିଲିଅନ୍‌କୁ ଗୌରବ, ନିଜର ଏବଂ ସାମୂହିକ ଆନନ୍ଦ ଉତ୍ସବ ପାଳନର ଏକ ସ୍ଥଳ କରି ଗଢିତୋଳିଥିଲା। ଓଡ଼ିଶାରେ ୭୫ ବର୍ଷରୁ ଅଧିକ କାଳ ଧରି ନିଜର ମୂଳ ରଖିଆସିଥିବା ଡାଲମିଆ ସିମେଣ୍ଟର ଧନୁଯାତ୍ରାରେ ଉପସ୍ଥିତି ସଂସ୍କୃତିକୁ ନେଇ କେବଳ ଏକ ଉତ୍ସବ ପାଳନ ନୁହେଁ, ବରଂ ସହଭାଗୀ ଇତିହାସ, ଭିତ୍ତିଭୂମି ବିକାଶ ଏବଂ ଜନ ସମୁଦାୟ ପ୍ରଥମ ଉପରେ ନିର୍ମିତ ସମ୍ପର୍କକୁ ବଜାୟ ରଖିବା ବିଷୟ ପ୍ରତିଫଳିତ କରିଥିଲା।

## ବେଦାନ୍ତ ଅଧକ୍ଷ ଅନିଲ ଅଗ୍ରୱାଲଙ୍କ ପୁଅ ଅଗ୍ନିବେଶଙ୍କ ପରଲୋକ

**ଭୁବନେଶ୍ୱର ୮।୧ (ନି.ପ୍ର):** ବେଦାନ୍ତ ଅଧକ୍ଷ ଅନିଲ ଅଗ୍ରୱାଲ ବୁଧବାର ତାଙ୍କ ପୁଅ ଅଗ୍ନିବେଶଙ୍କ ମୃତ୍ୟୁ ଘୋଷଣା କରିଛନ୍ତି, ଏହାକୁ 'ମୋ ଜୀବନର ସବୁଠାରୁ କଳା ଦିନନ୍ତ ଭାବରେ ବର୍ଣ୍ଣନା କରିଛନ୍ତି। ୪୯ ବର୍ଷୀୟ ଅଗ୍ନିବେଶ ଏକ ସ୍କିଇଂ ଦୁର୍ଘଟଣା ପରେ ନ୍ୟୁୟର୍କର ମାଉଂଟ ସିନାଇ ହସ୍ପିଟାଲରେ ସୁସ୍ଥ ହେଉଥିଲେ, କିନ୍ତୁ ହଠାତ୍ ହୃଦଘାତର ଶିକାର ହୋଇଥିଲେ। ୧୯୭୬ ଜୁନ୍ ୩ ତାରିଖରେ ପାଟନାରେ ଜନ୍ମଗ୍ରହଣ କରିଥିବା ଅଗ୍ନିବେଶ ଏକ ମଧ୍ୟବତ ବିହାରୀ ପରିବାରରେ ବଢ଼ିଥିଲେ, ଆଜମେରର ମାୟୋ କଲେଜରେ ପାଠପଢ଼ିଥିଲେ ଏବଂ ଫୁଜେଇରା ଗୋଲ୍ଡ ପ୍ରତିଷ୍ଠା କରିଥିଲେ ଏବଂ ପରେ ହିନ୍ଦୁସ୍ତାନ ଜିଙ୍କର ଅଧକ୍ଷ ହୋଇଥିଲେ।



ଅଗ୍ରୱାଲ କହିଛନ୍ତି ଯେ ତାଙ୍କ ପୁଅ ତାଙ୍କର ସଫଳତା ସତ୍ତ୍ୱେ 'ସରଳ, ସ୍ନେହପୂର୍ଣ୍ଣ ଏବଂ ଗଭୀର ମାନବ' ଥିଲେ। 'ମୋ ପାଇଁ, ସେ କେବଳ ମୋର ପୁଅ ନଥିଲେ। ସେ ମୋର ବନ୍ଧୁ ଥିଲେ। ମୋର ଗର୍ବ। ମୋର ଦୁନିଆ,' ଅଗ୍ରୱାଲ ଲେଖିଛନ୍ତି। ସେ ଆହୁରି କହିଛନ୍ତି ଯେ ଅଗ୍ନିବେଶ ଏକ ଆତ୍ମନିର୍ଭରଶୀଳ ଭାରତରେ ବିଶ୍ୱାସ କରୁଥିଲେ ଏବଂ ସମାଜକୁ ଫେରାଇବାର ସ୍ୱପ୍ନ ମଧ୍ୟ ସେୟାର କରିଥିଲେ। 'ମୁଁ ଅଗ୍ନିଙ୍କୁ ପ୍ରତିଶ୍ରୁତି ଦେଇଥିଲି ଯେ ଆମେ ଯାହା ରୋଜଗାର କରୁଛୁ ତାହାର ୭୫% ରୁ ଅଧିକ ଫେରାଇ ଦିଆଯିବ। ଆଜି, ମୁଁ ସେହି ପ୍ରତିଶ୍ରୁତିକୁ ନବୀକରଣ କରୁଛି ଏବଂ ଆହୁରି ସରଳ ଜୀବନ ବଂଚିବାକୁ ସଂକଳ୍ପ ନେଉଛି ବୋଲି ସେ କହିଛନ୍ତି।

## ଡ଼ା. ଏଲେକ୍ସାଣ୍ଡର ଦାସ ଆସୋଚମ ଓଡ଼ିଶା ରାଜ୍ୟ ଶିକ୍ଷା ପରିଷଦର ଅଧକ୍ଷ ନିଯୁକ୍ତ

**ଭୁବନେଶ୍ୱର, ୮।୧ (ନି.ପ୍ର) :** ଦେଶର ସବୁଠାରୁ ପୁରାତନ, ବୃହତ ଓ ପ୍ରଭାବଶାଳୀ ଶିଳ୍ପ ମଣ୍ଡଳୀ ମଧ୍ୟରୁ ଗୋଟିଏ ଦି ଆସୋସିଏଟେଡ୍ ଚେମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ। (ASSOCHAM) ଦେଶର ଆର୍ଥିକ, ଶିଳ୍ପ ଓ ବାଣିଜ୍ୟିକ ପରିବେଶ ଗଢ଼ିବାରେ ଦୀର୍ଘଦିନ ଧରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସୁଛି। ୪.୫ ଲକ୍ଷରୁ ଅଧିକ ସଦସ୍ୟଙ୍କୁ ପ୍ରତିନିଧିତ୍ୱ କରୁଥିବା ଆସୋଚମ ଦେଶର ବିଭିନ୍ନ ରାଜ୍ୟ ସହ ଏବଂ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ବଜାରରେ ସକ୍ରିୟ ଉପସ୍ଥିତି ରଖିଛି। ଉତ୍ପାଦନ, ବସ୍ତ୍ର ଓ ପୋଷାକ, ଟେକ୍ନିକାଲ୍ ଟେକ୍ସଟାଇଲ୍, ଏମଏସଏମଇ , ପୂର୍ବାଧାର, ସ୍ଥାୟୀତ୍ୱ, ରପ୍ତାନି ପ୍ରୋତ୍ସାହନ, ଶିକ୍ଷା, କୌଶଳ ବିକାଶ ଭଳି ବିଭିନ୍ନ କ୍ଷେତ୍ରରେ ଆସୋଚମର ସକ୍ରିୟ ସଂପୃକ୍ତି ରହିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ମିଶି ନିବେଶକ ରୋଡ୍ ଶୋ, ନୀତି ଆଲୋଚନା, କ୍ଷେତ୍ରଭିତ୍ତିକ ରାଉଣ୍ଡଟେବୁଲ୍, ଶିଳ୍ପ-ଶିକ୍ଷା ସଂଳାପ ଓ ଇ୨ଏ ପ୍ଲାଟଫର୍ମ ଆୟୋଜନ କରି ଆସୁଛି।



## ଭୁବନେଶ୍ୱରରେ ଅନଲାଇନରେ ଅଧିକ ଅର୍ଡର ହୋଇଛି ଚିକେନ ବିରିୟାନି

### ଅନଲାଇନ ଖାଦ୍ୟ ଅର୍ଡରରେ ମୋଟ ୩.୨୪ କୋଟି ଟଙ୍କା ସଂଚୟ କରିଛି ଭୁବନେଶ୍ୱର

**ଭୁବନେଶ୍ୱର, ୮।୧ (ନି.ପ୍ର) :** ରାଜଧାନୀବାସୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଚିକେନ ବିରିୟାନୀର କ୍ରେଜ । ଅନଲାଇନ ଫୁଡ ଡେଲିଭରୀ ବର୍ତ୍ତମାନ ଭୁବନେଶ୍ୱରବାସୀଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଛି । ୨୦୨୫ରେ ରାଜଧାନୀରେ ସ୍ୱିଗିକୁ ମୋଟ ୭.୫ ଲକ୍ଷ ଅର୍ଡର ମିଳିଥିବା ବେଳେ ସେଥିମଧ୍ୟରୁ ଚିକେନ ବିରିୟାନି ଗ୍ରାହକଙ୍କ ପସନ୍ଦର ଖାଦ୍ୟ ରହିଆସିଛି। ସେହିପରି ଚିକେନ ଗ୍ରେଭି ୨ୟ ଲୋକପ୍ରିୟ ଖାଦ୍ୟ ଓ ଚିକେନ ରୋଲ୍‌ସ ୩ୟ ସ୍ଥାନରେ ରହିଛି। ସକାଳ ଭୋଜନ ଠାରୁ ଆରମ୍ଭ କରି ରାତ୍ରି ଭୋଜନ ପର୍ଯ୍ୟ' ପ୍ରତ୍ୟେକ ସମୟ ପାଇଁ ଅନଲାଇନ ଅର୍ଡରକୁ ଲୋକମାନେ ବାଛିଛନ୍ତି। ଏହିସବୁ ତଥ୍ୟ ସ୍ୱିଗିର ସଦ୍ୟତମ ହାଓ ଭୁବନେଶ୍ୱର ସ୍ୱିଗିଡ୍ ରିପୋର୍ଟରୁ ଜଣାପଡ଼ିଛି। ଏହି ବର୍ଷ ଭୁବନେଶ୍ୱରରେ ସ୍ୱିଗିକୁ ଗୁଲାବ ଜାମୁନର ସବୁଠାରୁ ଅଧିକ ଅର୍ଡର ମିଳିଥିବା ବେଳେ ଏହାପରେ ଚକୋଲେଟ କେକ୍ ଓ କାଜୁ ବର୍ଫି ରହିଛି। ସକାଳ ଜଳଖିଆ ପାଇଁ ୭୪,୦୦୦ ଅର୍ଡର ମିଳିଥିବା ବେଳେ ପ୍ରତି ଘଂଟାରେ ୮ରୁ ଅଧିକ ଅର୍ଡର ସହ ଇଡ୍‌ଲି ଶୀର୍ଷରେ ରହିଥିଲା। ସନ୍ଧ୍ୟା ସମୟର ଅର୍ଡରରେ ମଧ୍ୟ ୮୬% ବୃଦ୍ଧି ହୋଇଛି। ଏହାଛଡା ରାତ୍ରିଭୋଜନ ସମୟ ଭୁବନେଶ୍ୱରର ସବୁଠାରୁ ପ୍ରିୟ ସମୟ ଭାବେ ଉଭା ହୋଇଥିଲା, ଏହି ସମୟରେ ପୂର୍ବ ବର୍ଷ ତୁଳନାରେ ଅର୍ଡରର ପରିମାଣରେ ୪୦% ବୃଦ୍ଧି ହୋଇଛି। ବଙ୍ଗାଳି ଖାଦ୍ୟ ପାଇଁ ଚାହିଦା ମଧ୍ୟ ୮୫% ବୃଦ୍ଧି ପାଇଛି। ଅନ୍ୟାନ୍ୟ ଲୋକପ୍ରିୟ ଖାଦ୍ୟରେ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ପାବର ଖାଦ୍ୟ ଅନ୍ତର୍ଭୁକ୍ତ ରହିଛି।




ସ୍ୱିଗିର ଏହି ଉଲ୍ଲେଖନୀୟ ପ୍ରଦର୍ଶନ ସମ୍ପର୍କରେ ସ୍ୱିଗି ଫୁଡ ମାର୍କେଟପ୍ଲେସର ଚିଫ୍ ବିଜନେସ୍ ଅଫିସର ସିଦ୍ଧାର୍ଥ ଭାକୁ କହିଛନ୍ତି, '୨୦୨୫ରେ ଖାଦ୍ୟ ଆମର ଦୈନନ୍ଦିନ ଜୀବନ ଓ ଉତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଥିଲା କାରଣ ଭାରତ ଏହାର ପ୍ରିୟ ଖାଦ୍ୟରେ ଆନନ୍ଦିତ ହୋଇଥିଲା। ଭୁବନେଶ୍ୱର ସହରରେ ଆମେ ପରମ୍ପରା ପ୍ରତି ପ୍ରେମ ଓ ଜାତୀୟ ପ୍ରିୟ ଖାଦ୍ୟର ଏକ ଆରାମଦାୟକ ଉତ୍ତମ ସନ୍ତୁଳନ ଦେଖିଥିଲୁ। ବିଳମ୍ବିତ ରାତିର ଭୋକଠାରୁ ଆରମ୍ଭ କରି ପ୍ରିମିୟମ ଡାଇନିଂ ପର୍ଯ୍ୟନ୍ତ ଭୁବନେଶ୍ୱରର ଖାଦ୍ୟ ମାଧ୍ୟମରେ ସଂସ୍କୃତିର ସମୃଦ୍ଧ ଯାତ୍ରାକୁ ଆମେ ଗ୍ରହଣ କରିଥିଲୁ। ସ୍ୱିଗିରେ ୯୯ ଷ୍ଟୋର ମାଧ୍ୟମରେ ଚିକେନ ବିରିୟାନି, ଭେଜ ବିରିୟାନି ଓ ଭେଜ୍ ବର୍ଗର ପାଇଁ ସର୍ବାଧିକ ଅର୍ଡର କରାଯାଇଥିଲା। ଭୁବନେଶ୍ୱର ଜଙ୍କସନରେ ଟ୍ରେନରେ ଖାଦ୍ୟ ପାଇଁ ମିଳିଥିବା ଅର୍ଡର ସଂଖ୍ୟା ଗତବର୍ଷ ତୁଳନାରେ ୧୭୦% ବୃଦ୍ଧି ପାଇଛି। ସ୍ୱିଗି ବୋଲ୍ଟ ସହିତ ଶୀଘ୍ର ଖାଦ୍ୟ ବିତରଣ ସମ୍ଭବ କରିପାରିଛି। ସହରର ସବୁଠାରୁ ବଡ ବୋଲ୍ଟ ଅର୍ଡର ଜଣେ ଗ୍ରାହକଙ୍କ ଦ୍ୱାରା କରାଯାଇଥିଲା ଯିଏ ୧୩ଟି ପିଜ୍ଜା, ୫ଟି ଗାର୍ଲିକ ବ୍ରେଡ ଓ ୧୫ଟି ଚକୋ ଲାଭା କେକ୍ ଅର୍ଡର କରିଥିଲେ। ସ୍ୱିଗି ଡାଇନଆଉଟ ମାଧ୍ୟମରେ ଭୁବନେଶ୍ୱର ସହର ମୋଟ ୩.୨୪ କୋଟି ଟଙ୍କା ସଂଚୟ କରିଛି ଯେଉଁଥିରେ କେବଳ ଜଣେ ଗ୍ରାହକ ଗୋଟିଏ ବୁକିଂରେ ୨୧,୦୦୦ ଟଙ୍କା ସଂଚୟ କରିଛନ୍ତି। ଗ୍ରେଟ ଇଣ୍ଡିଆନ ରେଷ୍ଟୁରାଂଟ ଫେଷ୍ଟିଭାଲ ୨୦୨୫ ସମୟରେ ସହରର ଭୋଜନକାରୀମାନେ ୧.୪୪ କୋଟି ଟଙ୍କା ସଂଚୟ କରିଥିଲେ। ସେହିପରି ମାତୃ ଦିବସ ସମୟରେ ଭୁବନେଶ୍ୱରରେ ସର୍ବାଧିକ ୨୬,୮୯୦ ଟଙ୍କାର ଏକକ ବିଲିଂ ରେକର୍ଡ କରାଯାଇଥିଲା।

# ନୁଭୋକୋ କଂକ୍ରିଟୋ ଟ୍ରାଇ ସିଲ୍ଡର ଶୁଭାରମ୍ଭ

ଭୁବନେଶ୍ୱର : ଭିଷ୍ଟାସ୍ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ନୁଭୋକୋ କଂକ୍ରିଟୋ ଟ୍ରାଇ ସିଲ୍ଡର ଶୁଭାରମ୍ଭ କରାଯାଇଛି । ଏହା ଏକ ଉନ୍ନତ ମାନର ରେଡି-ମିକ୍ସ କଂକ୍ରିଟ୍, ଯାହା ନିର୍ମାଣକୁ ଅଧିକ ମଜଭୁତ ଏବଂ ଦୀର୍ଘସ୍ଥାୟୀ କରିବା ପାଇଁ ତିଆରି ହୋଇଛି । ନୁଭୋକୋର ଏହି ବିଶେଷ 'ଥ୍ରୀ-ଇନ୍-ୱାନ୍' ସମାଧାନ ଘରକୁ ବାହାରର ଖରାପ ପାଗ ଓ ପରିବେଶର ପ୍ରଭାବରୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଏ, ଯାହାଫଳରେ ଆପଣଙ୍କ ଘର ବହୁ ବର୍ଷ ଯାଏଁ ସୁରକ୍ଷିତ ରହେ ।

ନୁଭୋକୋ ଭିଷ୍ଟାସ୍ କର୍ପୋରେସନ୍ ଲିମିଟେଡ୍‌ର ମାର୍କେଟିଂ ମୁଖ୍ୟ ଚିରାଗ ଶାହ କହିଛନ୍ତି, 'ନୁଭୋକୋ କଂକ୍ରିଟୋ ଟ୍ରାଇ ସିଲ୍ଡ ଗ୍ରାହକମାନଙ୍କୁ ନୂତନ ଜ୍ଞାନକୌଶଳ ମାଧ୍ୟମରେ ସର୍ବୋତମ ସୁରକ୍ଷା ଦେବା ପାଇଁ ଆମର ଏକ ପ୍ରୟାସ । ଆଜିକାଲି ଘର ବା କୋଠା ଶୀଘ୍ର ନଷ୍ଟ ହୋଇଯିବା ଏକ ବଡ଼ ଚିନ୍ତା । ଏହାର ସମାଧାନ ପାଇଁ ଆମେ 'ଟ୍ରାଇ ସିଲ୍ଡ' ଫର୍ମୁଲା ବ୍ୟବହାର କରିଛୁ, ଯାହା ନିର୍ମାଣର ଆୟୁଷ ବଢ଼ାଏ ଏବଂ ବାରମ୍ବାର ମରାମତି କରିବା ଖର୍ଚ୍ଚରୁ ରକ୍ଷା କରେ । ଏହା ବିଶେଷ କରି ବାଣିଜ୍ୟିକ କୋଠା, ହୋଟେଲ, ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନ ପାଇଁ ଅତି ଉତମ । ଏହି ଉତ୍ପାଦ ଗ୍ରାହକଙ୍କୁ ଏକ ମଜଭୁତ ଏବଂ ନିର୍ଭରଯୋଗ୍ୟ ସମାଧାନ ଦେବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରେ ।'

ଏହି ଉତ୍ପାଦଟି ବିଶେଷ କରି ସେହି ସ୍ଥାନ ପାଇଁ ତିଆରି ହୋଇଛି, ଯେଉଁଠି ଖରାପ ପାଣି ଏବଂ ପରିବେଶ ଯୋଗୁଁ ଘର ଶୀଘ୍ର ନଷ୍ଟ ହୋଇଯାଏ । ଏହା ସମୁଦ୍ର କୂଳିଆ ଅଂଚଳର ଲୁଣା ପବନ, ବୋରେୱେଲ୍ ପାଣିର କ୍ଲୋରାଇଡ୍, ସହରର ପ୍ରଦୂଷଣ ଏବଂ ମାଟିତଳେ ଥିବା କ୍ଷତିକାରକ କେମିକାଲରୁ ଘରକୁ ରକ୍ଷା କରେ । ଏହି ସବୁ କାରଣ ଯୋଗୁଁ ସାଧାରଣତଃ ସିମେଂଟ ବା କଂକ୍ରିଟ୍ ଖାଇଯାଏ, କିନ୍ତୁ ଏହି ଉତ୍ପାଦ ଘରର ମଜଭୁତିକୁ ବହୁ ବର୍ଷ ଯାଏଁ ଅତୁଟ ରଖେ ।

ନୁଭୋକୋ କଂକ୍ରିଟୋ ଟ୍ରାଇ ସିଲ୍ଡ ତିନୋଟି ସ୍ତରରେ ଆପଣଙ୍କ ଘରକୁ ସୁରକ୍ଷା ଦିଏ: ୧. କ୍ଲୋରାଇଡ୍ ସିଲ୍ଡ: ଏହା ଲୁଣା ଅଂଶକୁ ୫୦% କମ୍ କରିଦିଏ, ଫଳରେ ଲୁହା ରଡ୍‌ରେ କଳଙ୍କି ଲାଗେ ନାହିଁ । ୨. କାର୍ବୋନେସନ୍ ସିଲ୍ଡ: ଏହା ପବନର ପ୍ରଦୂଷଣକୁ ରୋକି କଂକ୍ରିଟ୍‌କୁ ଭିତରୁ ମଜଭୁତ ରଖେ ଏବଂ ଅନ୍ୟ କଂକ୍ରିଟ୍ ତୁଳନାରେ ୫୦% ଅଧିକ ସୁରକ୍ଷା ଦିଏ । ୩. ସଲଫେଟ୍ ସିଲ୍ଡ: ଏହା ମାଟିରୁ ଆସୁଥିବା କେମିକାଲ୍ ପ୍ରଭାବକୁ ୫୦% କମାଇ ଦିଏ, ଯାହାଦ୍ୱାରା କାନ୍ଥ କିମ୍ବା ଛାତରେ ଫାଟ ସୃଷ୍ଟି ହୁଏନାହିଁ ।

# ପ୍ରତ୍ୟେକ ଭାରତୀୟଙ୍କ ପକ୍ଷରୁ, ଆମେ ବିଶ୍ୱକପ୍ ଚାମ୍ପିଅନମାନଙ୍କୁ ସମ୍ମାନିତ କରୁଛୁ: ନୀତା ଅମ୍ବାନୀ

ମୁମ୍ବାଇ: ସୋମବାର ସନ୍ଧ୍ୟାରେ ମୁମ୍ବାଇରେ ରିଲାଏନ୍ସ ଫାଉଣ୍ଡେସନର ପ୍ରୟାସ ତଥା ଏକ ବିଶେଷ କାର୍ଯ୍ୟକ୍ରମ 'ଇଉନାଇଟେଡ଼ ଇନ ଟ୍ରାୟମ୍ଫ' ରେ ଶ୍ରୀମତୀ ନୀତା ଏମ୍ ଅମ୍ବାନୀ ତିନି ବିଶ୍ୱକପ୍ ବିଜେତା ଅଧିନାୟକ - ରୋହିତ ଶର୍ମା, ହରମନପ୍ରୀତ କୌର ଏବଂ ଦୀପିକା ଟିସିଙ୍କ ସହିତ ରେଡ୍ କାର୍ପେଟରେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଶ୍ରୀମତୀ ଅମ୍ବାନୀ କହିଥିଲେ, 'ମୁଁ ଭାବୁଛି ଆମେ ନୂତନ ବର୍ଷକୁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଅବସର ସହିତ ଆରମ୍ଭ କରୁଛୁ । ଭାରତର ଏହି ତିନୋଟି କ୍ରିକେଟ୍ ଦଳ, ପୁରୁଷ କ୍ରିକେଟ୍ ଦଳ, ମହିଳା କ୍ରିକେଟ୍ ଦଳ ଏବଂ ଦୃଷ୍ଟିହୀନ କ୍ରିକେଟ୍ ଦଳ ସମସ୍ତେ ଏଠାରେ ଗୋଟିଏ ଛାତ ତଳେ ଅଛନ୍ତି, ଏବଂ ଆମମାନଙ୍କୁ ଏତେ ଆନନ୍ଦ ଓ ଖୁସି ଦେଇଥିବାରୁ ପ୍ରତ୍ୟେକ ଭାରତୀୟଙ୍କ ପକ୍ଷରୁ, ଆମେ ସେମାନଙ୍କୁ ସମ୍ମାନିତ କରିବାକୁ ଯାଉଛୁ ।'

ଏହି ଉତ୍ସବର କେନ୍ଦ୍ରବିନ୍ଦୁରେ ଥିଲେ ଭାରତର ତିନି ବିଶ୍ୱକପ୍ ବିଜେତା ଅଧିନାୟକ - ରୋହିତ ଶର୍ମା, ହରମନପ୍ରୀତ କୌର ଏବଂ ଦୀପିକା ଟିସି - ଯାହାଙ୍କ ନେତୃତ୍ୱ, ସ୍ଥିରତା ଏବଂ ବିଶ୍ୱାସ ଐତିହାସିକ ବିଜୟକୁ ଆକାର ଦେଇଛି ଏବଂ ସାରା ଦେଶକୁ ପ୍ରେରଣା ଦେଇଛି ।

କ୍ରୀଡାର ଅନନ୍ୟ ଶକ୍ତି ଏବଂ ଏହାର ପରିବର୍ତ୍ତନକାରୀ ପ୍ରଭାବ ବିଷୟରେ କହି ଶ୍ରୀମତୀ ଅମ୍ବାନୀ କହିଛନ୍ତି, 'କ୍ରୀଡା ହୃଦୟ ଏବଂ ଭାରତକୁ ଯୋଡେ । ଆଜି ଆମେ ବିଜୟରେ ଏକଜୁଟ୍ ଅଛୁ । ଆମେ ସେମାନଙ୍କ ସଫଳତାକୁ ଏବଂ ସେମାନଙ୍କ ବିଜୟକୁ ପାଳନ କରିବାକୁ ଯାଉଛୁ ।'

ସନ୍ଧ୍ୟାରେ ତିନି ବିଶ୍ୱକପ୍ ବିଜେତା ଦଳର ଖେଳାଳି ଜସପ୍ରିତ ବୁମରା, ସୂର୍ଯ୍ୟକୁମାର ଯାଦବ, ସ୍ମୃତି ମନ୍ଧାନା, ଜେମିମା ରଡ୍ରିଗ୍ସ ଏବଂ ଗଙ୍ଗା କଦମଙ୍କ ସହିତ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର, ସୁନୀଲ ଗାଭାସ୍କର ଏବଂ ରବିଚନ୍ଦ୍ରନ ଅଶ୍ୱିନ, ଅଲିମ୍ପିକ୍ ଏବଂ ପାରାଅଲିମ୍ପିକ୍ କିମ୍ବଦନ୍ତୀ ଖେଳାଳୀ ମୁରଲୀକାନ୍ତ ପେଟକର, ଦୀପା ମଲ୍ଲିକ ଏବଂ ଦେବେନ୍ଦ୍ର ଝାଝରିଆଙ୍କ ସମେତ ଭାରତୀୟ ସିନେମାର ପ୍ରମୁଖ ବ୍ୟକ୍ତିତ୍ୱ ଅମିତାଭ ବଚ୍ଚନ ଏବଂ ଶାହରୁଖ ଖାନ ଏହି କାର୍ଯ୍ୟକ୍ରମରେ ଏକାଠି ହୋଇ ଏକ ଅନନ୍ୟ ଏବଂ ଶକ୍ତିଶାଳୀ ସଙ୍ଗମ ସୃଷ୍ଟି କରିଥିଲେ ।

ୟୁନାଇଟେଡ୍ ଇନ୍ ଟ୍ରାୟମ୍ଫ ଶ୍ରୀମତୀ ଅମ୍ବାନୀଙ୍କ କ୍ରୀଡ଼ାକୁ ଉତ୍କର୍ଷତା, ଅନ୍ତର୍ଭୁକ୍ତି ଏବଂ ଏକତାର ଶକ୍ତି ଭାବରେ ପ୍ରତିଫଳିତ କରିବାର ଦୃଷ୍ଟିକୋଣ ଏବଂ କେବଳ ବିଜୟ ନୁହେଁ, ବରଂ ଭାରତର କ୍ରୀଡ଼ା ଯାତ୍ରାକୁ ପରିଭାଷିତ କରୁଥିବା ମୂଲ୍ୟବୋଧ ଏବଂ ଉଦ୍ଦେଶ୍ୟକୁ ପାଳନ କରିଥାଏ ।

ଭାବପ୍ରବଣତା, ସଂଘର୍ଷ ଏବଂ ବିଜୟରେ ପରିପୂର୍ଣ୍ଣ ଅସଂଖ୍ୟ କାହାଣୀ କହୁଥିବା ଚିତ୍ର । ମୁମ୍ବାଇର ୟୁନାଇଟେଡ୍ ଇନ୍ ଟ୍ରାୟମ୍ଫ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀମତୀ ନୀତା ଅମ୍ବାନୀ, ଶ୍ରୀଯୁକ୍ତ ଅମିତାଭ ବଚ୍ଚନ, ଶ୍ରୀଯୁକ୍ତ ସଚିନ ତେନ୍ଦୁଲକର ଏବଂ ଶ୍ରୀଯୁକ୍ତ ଜୟ ଶାହାଙ୍କ ସହିତ ବିଜୟୀ ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳ, ଆଇସିସି ବିଶ୍ୱ ଟି୨୦ ଚାମ୍ପିଅନସିପ୍ ବିଜେତା ଭାରତୀୟ ଦଳର କିଛି ସଦସ୍ୟ ଏବଂ ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍ ବିଜେତା ଭାରତୀୟ କ୍ରିକେଟ୍ ଦଳର ଅନନ୍ୟ ଚିତ୍ର ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut** ସଂପାଦକ: ଶରତ ରାଉତ